ଆମ ଦେଶର ଅଭୁଲା କାହାଣୀ

୩

ଆମ ଦେଶର
ଅଭୁଲା କାହାଣୀ

[ତୃତୀୟ ଭାଗ]

ଲେଖକ :
ଡକ୍ଟର ପ୍ରସନ୍ନ କୁମାର ମିଶ୍ର

ନବୋଦୟ ପ୍ରକାଶନ

Digitized by srujanika@gmail.com

ପ୍ରକାଶକ : ନବୋଦୟ ପ୍ରକାଶନ, କଟକ-୨

ମୁଦ୍ରକ : ସଂସାର ପ୍ରେସ୍
ତେଲେଙ୍ଗାବଜାର, କଟକ

ପ୍ରଥମ ସଂସ୍କରଣ : ୧୯୯୭, ମୂଲ୍ୟ : ଟ ୧୨/-

ସୂଚୀ

୧ । ନବଗୁଞ୍ଜର କଥା ୧
୨ । କୁମ୍ଭମେଳାର କଥା ୪
୩ । କାଠମାଣ୍ଡୁର କଥା ୮
୪ । ତିନି କଣ୍ଢେଇ କଥା ୧୧
୫ । ମନ୍ତ୍ରୀଙ୍କ ବୁଦ୍ଧି ପରୀକ୍ଷା ୧୬
୬ । ପାର୍ସୀମାନେ ଭାରତକୁ ଆସିଲେ ୧୯
୭ । ହଜାରେ ପଦ୍ମଫୁଲ ୨୪
୮ । ଦେବୀ ଚାମୁଣ୍ଡା ଦହି ବିକିଲେ ୨୮
୯ । ମାଳତିଗଡ଼ର କାହାଣୀ ୩୧
୧୦ । ରାଣୀ ଯେ ରାଣୀ ପଦ୍ମାଁବତୀ ରାଣୀ ୩୫

—

Digitized by srujanika@gmail.com

ନବଗୁଞ୍ଜର କଥା

ଏଠାରେ ଯେଉଁ ଛବିଟି ଦିଆଯାଇଛି ତୁମଭିତରୁ ଅନେକ ସେ ଛବିଟି ନିଜ ଘରେ ଦେଖିଥିବ । ଘରେ ମା'ମାନେ କାନ୍ଥରେ, କବାଟରେ ଛବି ଆଙ୍କିଥାନ୍ତି । ଏଇଟି ଗୋଟିଏ ଅତି ଲୋକପ୍ରିୟ ଛବି । ତାକୁ କହନ୍ତି ନବଗୁଞ୍ଜର ।

Digitized by srujanika@gmail.com

'ନବଗୁଞ୍ଜର'ମାନେ 'ନୂଆ ହାତୀ' ବା 'ନୂଆ ପ୍ରକାରର ହାତୀ'। ହଁ ପିଲାମାନେ – ଏହା ଗୋଟିଏ ହାତୀର ଛବିଭଳି ଦିଶୁନାହିଁ କି ? ଛବିଟିକୁ ଲକ୍ଷ୍ୟକର। ତା' ଭିତରେ କେତେ କୌତୁକ ଭରି ନ ରହିଚି ! ସେଥିରେ ସାପ ଅଛି, ଗଧ ଅଛି, ମୟୂର ଅଛି, ମଣିଷ ଅଛି, ବୃଷଭ ଅଛି, ହରିଣ ଅଛି ପୁଣି ବାଘ ମଧ ଅଛି। ସମସ୍ତଙ୍କଠାରୁ ଖଣ୍ଡିଏ ଖଣ୍ଡିଏ ଅଂଶ ନେଇ କେଡ଼େ କୌଶଳରେ ଚିତ୍ରକର ହାତୀଟିଏ ଗଢ଼ିଛନ୍ତି ଦେଖୁଚ ତ !

ଏଇ 'ନବଗୁଞ୍ଜର' ବା ନୂଆହାତୀ ବିଷୟରେ ଗୋଟିଏ କାହାଣୀ ଅଛି। କାହାଣୀଟି ବହୁତ ପୁରୁଣା। ମହାଭାରତର ପଞ୍ଚୁପାଣ୍ଡବଙ୍କ କଥା ତୁମେ ଜାଣିଚ। ଭୀମ ତଳକୁ ଅର୍ଜୁନ। ସେ ବଡ଼ ବୀର। ଧନୁର୍ବିଦ୍ୟାରେ ତାଙ୍କଲାଖି ବୀର କେହି ନଥିଲେ। ଶ୍ରୀକୃଷ୍ଣ ହେଉଛନ୍ତି ଅର୍ଜୁନଙ୍କ ସାଙ୍ଗ। ଦୁହେଁ ଦୁହିଙ୍କୁ ଭାରି ଭଲପାଉଥିଲେ।

ଥରେ ଅର୍ଜୁନଙ୍କୁ ଏକୁଟିଆ ବନବାସ କରିବାକୁ ପଡ଼ିଲା। ସାଙ୍ଗରେ କେହି ନଥାନ୍ତି। ବଣରେ ବୁଲି ବୁଲି ତାଙ୍କୁ ବିରକ୍ତ ଲାଗୁଥିଲା। ତା'ଛଡ଼ା ବଣରେ ଜନ୍ତ-ଜାନୁଆରଙ୍କ ଉତ୍ପାତ। ଟିକିଏ ଶାନ୍ତିରେ ରହିହେଉଛି ବା କେଉଁଠି ? ଏଇମିତି ବର୍ଷ ବର୍ଷ ବିତିଗଲା ଅଶାନ୍ତିରେ।

ପ୍ରିୟ ସଖା ଅର୍ଜୁନ ବଣକୁ ଯାଇଥିବାରୁ ଶ୍ରୀକୃଷ୍ଣଙ୍କ ମନ ଦୁଃଖଥାଏ। ଥରେ ତାଙ୍କର ଇଚ୍ଛା ହେଲା ସାଙ୍ଗ ସହିତ ଟିକିଏ ଦେଖାକରିବାକୁ।

ଦିନେ ଉଦୁଉଦିଆ ଖରାବେଳ। ଝରଣା କୂଳରେ ଅର୍ଜୁନ ବସି ପଥର ଖଣ୍ଡିକରେ ତୀର ମାଜୁଥାନ୍ତି। ହଠାତ୍ ପକ୍ଷୀମାନେ ଚିଁ-ଚାଁ ହେଲେ। ଅର୍ଜୁନ ଦୂରକୁ ଚାହିଁଲେ। ଦେଖିଲେ ନୂଆଧରଣର ଜୀବଟିଏ। ହାତୀପରି ଶୁଣ୍ଢ ଟେକିଚି, ମଣିଷ ପରି ହାତଟିଏ ଅଛି। କିନ୍ତୁ ଜୀବଟି ଚାରିଗୋଡ଼ିଆ। ଭାରି କୌତୁକିଆ। ବେଳେବେଳେ ନାଗସାପ ପରି ସଁ-ସଁ ହେଉଛି, ମୟୂରପରି କେ-କା କରୁଛି।

ସେ ଆଉରି ଭଲକରି ଚାହିଁଲେ। ଲକ୍ଷ୍ୟକରି ଦେଖିଲେ – ଦେହଟା ହାତୀ ଭଳି ମୋଟା-ସୋଟା କିନ୍ତୁ ବେକଟି ମୟୂରପରି ସରୁଆ ପୁଣି ଚୂଳ ମଧ ଅଛି। ଅଣ୍ଟଟି ପୁଣି କୁକୁଡ଼ା ଭଳି। ଲାଞ୍ଜ ତ ନୁହଁ ଗୋଟାଏ ସାପ।

Digitized by srujanika@gmail.com

ଗୋଟିଏ ପାଦ ଗଧପରି, ଗୋଟିଏ ବାଘପରି, ଗୋଟିଏ ହାତୀପରି ଓ ଅନ୍ୟପାଦଟି ହରିଣ ପରି । ଶୁଣ୍ଡ ନୁହଁ ସେଇଟା ହାତଟାଏ । ସେଥିରେ ଧରିଚି ଚକ୍ରଟିଏ । ସେଇଥିରୁ ସେ ଚିହ୍ନିପାରିଲେ ଏଇ ଜୀବଟି ପ୍ରକୃତରେ ଜୀବନୁହଁ – ସଖା ଶ୍ରୀକୃଷ୍ଣ ତାଙ୍କ ସହିତ କୌତୁକ କରିବାଲାଗି ଏଇ ମାୟାରୂପ ଧରିଛନ୍ତି ।

ଜୀବଟି ନାଚୁଥାଏ । ଏହା ଦେଖି ଅର୍ଜୁନଙ୍କୁ ହସମାଡ଼ିଲା । ଶେଷରେ ଅର୍ଜୁନ କହିଲେ – "ହଉ, ଆଉ କାହିଁକି ସଖା ! ନାଚ଼ ବନ୍ଦ କର । ପାଦ ଥକିଯିବଣି । ଏବେ ନିଜ ରୂପ ଧର ।"

Digitized by srujanika@gmail.com

ଶ୍ରୀକୃଷ୍ଣ ନିଜ ରୂପ ଧରିବା ପରେ ଦୁହେଁ କୋଳାକୋଳି ହେଲେ । ଦୁଇ ସାଙ୍ଗ ବଣରେ ବହୁତ ବୁଲିଲେ । ଅର୍ଜୁନଙ୍କ ଭଲମନ୍ଦ ବୁଝି ଶ୍ରୀକୃଷ୍ଣ ପୁଣି ଫେରିଗଲେ ନିଜ ଘରକୁ । ସେଇଦିନରୁ ନବଗୁଞ୍ଜର କଥାଟି ରହିଛି ।

କୁମ୍ଭ ମେଳାର କଥା

ଆଦ୍ୟକାଳର କଥା । ଜଣେ ଋଷି ଥିଲେ । ନାଁ ତାଙ୍କର ଖିଳ । ଋଷିମାନଙ୍କ ଭିତରେ ତାଙ୍କର ବହୁତ ଖାତିର ଥିଲା । ତାଙ୍କର ସ୍ୱଭାବ ଭଲଥିବାରୁ ଦେବତାମାନେ ବି ତାଙ୍କୁ ଖାତିର କରୁଥିଲେ । ତାଙ୍କୁ ଦେଖାଦେଉଥିଲେ । ଋଷି ଅତି ଆନନ୍ଦରେ ଥିଲେ । ଦିନେ ଋଷି ଖିଳ ବଡ଼ ଚିନ୍ତାରେ ପଡ଼ିଗଲେ । ତାଙ୍କ ମୁହଁରୁ ହସ ଲିଭିଗଲା । ଖାଲି ଭାବିହେଲେ । କାରଣ କ'ଣ ? ଚିନ୍ତାର କାରଣ ଥିଲା ଗୋଟାଏ ସପନ ।

ଋଷି ସପନ ଦେଖିଲେ ଯେ ସେ ଗୋଟାଏ ବିରାଟ ସମୁଦ୍ର ଭିତରେ ଠିଆହୋଇଛନ୍ତି । ବଡ଼ ବଡ଼ ଲହରୀମାନ ତାଙ୍କୁ ଘେରି ରହିଛନ୍ତି । ଘୋ-ଘୋ ଶବ୍ଦ ହେଉଛି । ମଝିରେ ମଝିରେ କେତେକ ଲହରୀ କଳସ ଆକାର ଧାରଣ କରୁଛି । ମୁନି ସେଇ ଜଳ-କଳସ ରୂପ ଦେଖି ଆଚମ୍ବିତ । ଲହରୀ କଳସ ରୂପ ଧାରଣ କରୁଛି କାହିଁକି ? ମୁନି ଦେଖିଲେ – ଲହରୀମାନେ ଏକସ୍ୱରରେ କହୁଛନ୍ତି – "ମୁନିବର, ମା'ଙ୍କ ପୂଜାର ବ୍ୟବସ୍ଥା କର ।"

ଋଷି ସପନଟାର ଅର୍ଥ କରିପାରୁନାହାନ୍ତି । କେଉଁ ମା'ଙ୍କର ସେ ପୂଜା କରିବେ ? କଳସର ଅର୍ଥ କ'ଣ ? ଅନ୍ୟ ଉପାୟ ନ ଦେଖି ମୁନି ଚାଲିଲେ ମନ୍ଦର ପର୍ବତକୁ । ସେଇ ପର୍ବତର ଗୁମ୍ଫାରେ ବସି ସେ ଶିବ-ପାର୍ବତୀଙ୍କୁ ତପସ୍ୟା କଲେ ।

ଶିବ-ପାର୍ବତୀ ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହେଲେ । ଦୁହେଁ ଯାଇ ମନ୍ଦର ପର୍ବତରେ ପହଞ୍ଚିଲେ । ମୁନି ତ ଆଖିବୁଜି ଧ୍ୟାନ କରୁଥାନ୍ତି । ପାର୍ବତୀ ତାଙ୍କୁ କହିଲେ – "ଏବେ ଆଖି ଖୋଲ । ଆମେ ଆସିଯାଇଚୁ ।"

Digitized by srujanika@gmail.com

ମୁନି ଆଖି ଖୋଲି ଦେଖିଲେ । ଶିବ ଓ ପାର୍ବତୀଙ୍କ ମୁହଁରେ ହସ ଟିକିଏ ଲାଗିରହିଥାଏ । ମୁନି କହିଲେ – "ମୁଁ ଆଜି ଧନ୍ୟ ହେଲି । ମୋ ତପସ୍ୟା ସାର୍ଥକ ହେଲା ।"

ପାର୍ବତୀ ହସି ହସି କହିଲେ – "ଏବେ କୁହ, କେଉଁଥିପାଇଁ ତପସ୍ୟା କରୁଥିଲ ?"

ମୁନି ତାଙ୍କ ଆଗରେ ସପନ କଥା କହିସାରି ପଚାରିଲେ – "କୁମ୍ଭର ଅର୍ଥ ମୁଁ ବୁଝିପାରୁନି ।"

Digitized by srujanika@gmail.com

ପାର୍ବତୀ କହିଲେ – "ହେ ମୁନି, ତୁମେ ବସୁନ୍ଧରା ବା ପୃଥିବୀ ଦେବୀଙ୍କ ରୂପ ଦେଖିଚ । ଦିନେ ଏଇ ବସୁଧା ଅନନ୍ତ ଜଳରାଶି ଭିତରେ ବୁଡ଼ିରହିଥିଲା । ଚାରିଆଡ଼େ ଖାଲି ପାଣି ଥିଲା । କେଉଁଠି ହେଲେ ସ୍ଥଳ ନ ଥିଲା । ଭଗବାନ ବିଷ୍ଣୁ ବରାହ ରୂପ ଧରି ପାଣି ଭିତରୁ ପୃଥିବୀକୁ ଉଦ୍ଧାର କଲେ ଏବଂ ଜଳ ଉପରେ ଥାପନା କଲେ ।"

ମୁନି ଶୁଣୁଥାନ୍ତି । ପାର୍ବତୀ ପୁଣି କହିଲେ – "କିନ୍ତୁ ହେ ମୁନି ! ପୃଥିବୀ ସମସ୍ତଙ୍କର ଉପକାର କରୁଚି । ସବୁ ଭାରା ସହୁଚି । ସମସ୍ତଙ୍କୁ ଖାଦ୍ୟ ଦେଉଛି । ହେଲେ ମଣିଷମାନେ ତାଙ୍କୁ ପୂଜା କରୁନାହାନ୍ତି । ତାଙ୍କର ପୂଜାପାଇଁ କୌଣସି ଅଲଗା ପର୍ବ କେହି ପାଳନ କରୁନାହାନ୍ତି । ତେଣୁ ସେ ଦୁଃଖିନୀ । ତୁମେ ତାଙ୍କ ପୂଜାର ବ୍ୟବସ୍ଥା କରିବ ବୋଲି ସେ ତୁମ ଆଗରେ ନିଜ ମନକଥା ଜଣାଇଛନ୍ତି ।"

ମୁନି ପଚାରିଲେ – "ମୁଁ କିପରି ଭାବରେ ତାଙ୍କପାଇଁ ପର୍ବ ପାଳନ କରିବି ଟିକିଏ ସୂଚନା ଦିଅନ୍ତୁ ମା' ।"

ଏତେବେଳ ପର୍ଯ୍ୟନ୍ତ ଶିବ ନୀରବରେ ଠିଆହୋଇଥିଲେ । ମୁନିଙ୍କ ପ୍ରଶ୍ନ ଶୁଣି ଏଥର ସେ କହିଲେ – "ବ୍ୟସ୍ତ ହୁଅନାହିଁ । ପୃଥିବୀଙ୍କ ପୂଜା ପାଇଁ ସମୟ ଆସିଗଲାଣି । ଆଉ ଅଳ୍ପଦିନ ପରେ କ୍ଷୀର ସମୁଦ୍ର ମନ୍ଥନ ହେବ । ସେ ସାଗରରୁ ବହୁରକମର ଅମୂଲ୍ୟ ପଦାର୍ଥମାନ ବାହାରିବ । ତା' ସହିତ ବାହାରିବ ଗୋଟିଏ ଅମୃତଭରା କୁମ୍ଭ । ଅମୃତ କୁମ୍ଭଟିକୁ ଦେବତାମାନେ ନେଇଯିବେ । କିନ୍ତୁ ନେବାବେଳେ ତହିଁରୁ କେତେଟୋପା ଅମୃତ ବସୁଧା ଉପରେ ଛିଟିକି ପଡ଼ିବ । ସେଇ ଅମୃତର ପରଶରେ ବସୁଧା ଭାଗ୍ୟବତୀ ହୋଇଯିବ । ଗୋଟିଏ ଟୋପା ଅମୃତ ପଡ଼ିବ ଗୋଟିଏ ନଈର ଜଳ-ଧାରା ଉପରେ । ସେ ଜଳ ପବିତ୍ର ହୋଇଯିବ । ଯିଏ ସେହି ପବିତ୍ର ଜଳରେ ସ୍ନାନ କରିବ ସେ ମଧ୍ୟ ପୁଣ୍ୟ ପାଇବ । ସେଇ ନଦୀ କୂଳରେ ହେବ ବସୁଧାଙ୍କ ପାଇଁ ବଡ଼ଧରଣର ପର୍ବ ।" ଏହା କହି ଶିବ-ପାର୍ବତୀ ଅଦୃଶ୍ୟ ହୋଇଗଲେ ।

Digitized by srujanika@gmail.com

ମହାଦେବ କହିଥିବାଭଳି ସବୁ ଘଟଣା ଘଟିଲା । ସାଗର ମନ୍ଥନ ହେଲା । ସେଥିରୁ ଏକ ଅମୃତ କୁମ୍ଭ ବାହାରିଲା । ପୃଥିବୀ ଉପରେ ଅମୃତ ବିନ୍ଦୁ ପଡ଼ିଲା । ଯେଉଁ ନଦୀରେ ଅମୃତ ବିନ୍ଦୁ ପଡ଼ିଲା ତାହା ପବିତ୍ର ଗଙ୍ଗାନଦୀ ।

ମୁନି ସେଇ ସ୍ଥାନରେ ପୃଥିବୀଙ୍କ ପୂଜା ପାଇଁ ପର୍ବ ପାଳନ କଲେ । ଗଙ୍ଗା ସ୍ନାନ କରିବାପାଇଁ ଶିବ-ପାର୍ବତୀଙ୍କ ସମେତ ସବୁ ଦେବତାମାନେ ମଧ୍ୟ ଆସିଲେ । ମୁନି ଋଷିମାନେ ଆସିଲେ ।

ସେଇ ପର୍ବ ଏବେ ମଧ୍ୟ ପାଳନ କରାଯାଉଚି । ତାର ନାମ କୁମ୍ଭ ମେଳା । ସେଇ ଅବସରରେ ଗଙ୍ଗାରେ ବୁଡ଼ ପକାଇବାପାଇଁ ପ୍ରତିବର୍ଷ ହଜାର ହଜାର ଲୋକ ପ୍ରୟାଗ ଯାଉଛନ୍ତି ।

Digitized by srujanika@gmail.com

କାଠମାଣ୍ଡୁ କଥା

ଭାରତକୁ ଲାଗିଚି ନେପାଳ ଦେଶ । କାଠମାଣ୍ଡୁ ସହର ତା'ର ରାଜଧାନୀ । ପୂର୍ବକାଳରେ ସେଠି କିଛି ସହର ନଥିଲା । ହିମାଳୟର ପାହାଡ଼ିଆ ଜାଲୁ ଅଞ୍ଚଳ ସେଇଟା, ରହିବାକୁ ସମତଳ ଜାଗା ନଥିଲା । ଲୋକବାକ ବହୁତ କମ୍ ରହୁଥିଲେ ।

ଗୋଟେ ବହୁତ ବଡ଼ ହ୍ରଦ ସେଠି ଥିଲା । ହ୍ରଦର ନାମ ଥିଲା ନାଗତାଳ ।

ଘର କରିବାକୁ ଓ ଚାଷ ଜମିପାଇଁ ସମତଳ ଜାଗା ଦରକାର । ଶେଷରେ ଲୋକମାନେ ସେମାନଙ୍କ ମନକଥା ସ୍ୱର୍ଗପୁରକୁ ଯାଇ ବିଷ୍ଣୁଙ୍କୁ ଜଣାଇଲେ – "ହେ ଭଗବାନ ! ଆମକୁ ଘର କରିବାକୁ ଓ ଚାଷ ପାଇଁ କିଛି ଭଲ ଜମି ଦିଅ ।"

ବିଷ୍ଣୁ ସେମାନଙ୍କ ପ୍ରାର୍ଥନା ଶୁଣିଲେ । କିନ୍ତୁ ସେ ଜାଗା ଆଣିବେ କୁଆଡୁ ? ତେଣୁ ଅନ୍ୟ ବାଟ ନ ପାଇ ସେ ହ୍ରଦ ନାଗତାଳକୁ ଶୁଖିଯିବାକୁ ଆଦେଶଦେଲେ । ବିଷ୍ଣୁଙ୍କ ଆଦେଶ ପାଳନକରି ନାଗତାଳ ହ୍ରଦ ଶୁଖିଗଲା । ଚାହୁଁ ଚାହୁଁ ପାଣି ବଦଳରେ ମାଟି ଭରିଗଲା । ଗୋଟେ ବିରାଟ ସମତଳ ଭୂଇଁ ହୋଇଗଲା ।

କିଛିଦିନ ପରେ ହିମାଳୟରୁ ଗୋଟିଏ ନଈ ସେଇ ପାଖ ଦେଇ ବହିଗଲା । ତା' ନାମ ବେଗମତୀ । ଲୋକେ ଏହା ଦେଖି ବହୁତ ଖୁସିହେଲେ । ସେଠି ଘରଦ୍ୱାର, ଚାଷବାସ କରି ରହିଲେ । ଜାଗାଟିର ନାମ ହେଲା 'କାନ୍ତିପୁର ।'

ଦିନେ ଶିବ ବୁଲୁ ବୁଲୁ କାନ୍ତିପୁରରେ ଆସି ପହଞ୍ଚିଲେ । ନୂଆ ଜାଗା ଓ ସୁନ୍ଦର ପରିବେଶ ଦେଖି ସେ ଖୁସି ହୋଇଗଲେ । ଶିବ ଭାବିଲେ – ଏଇ ଜାଗାଟିର ଉନ୍ନତି ପାଇଁ ଚେଷ୍ଟା କଲେ ଦିନେ ଏଠି ଅମରପୁର ଭଳି ନଗରୀଟିଏ ହୋଇପାରିବ ।

Digitized by srujanika@gmail.com

କିନ୍ତୁ କାମଟା ଏତେ ସହଜ ନୁହଁ । ସେଥିପାଇଁ ସବୁ ବଡ଼ ଦେବତାଙ୍କର ସହଯୋଗ ଆବଶ୍ୟକ । ସେଇ ଲକ୍ଷ୍ୟରେ ଶିବ କାନ୍ତିପୁରଠାରେ ଗୋଟିଏ ସଭା ଡାକିଲେ । ସେ ସଭାକୁ ଆସିବାପାଇଁ ଭକ୍ତମାନଙ୍କୁ ଓ ଦେବତାମାନଙ୍କୁ ନିମନ୍ତ୍ରଣ ଦିଆଗଲା ।

ନିଜେ ଶିବ ସଭା ଡାକିଛନ୍ତି – କିଏ ବା ନ ଆସିବ ? ଜଣ ଜଣ କରି ଦେବତାମାନେ ସ୍ୱର୍ଗରୁ ଓହ୍ଲେଇ ଆସି କାନ୍ତିପୁରରେ ପହଞ୍ଚିଲେ । ଶିବଙ୍କର ଭକ୍ତମାନେ ସେମାନଙ୍କୁ ପ୍ରଣାମକରି ସଭା ସ୍ଥାନକୁ ପାଛୋଟି ଆଣିଲେ ।

ସଭାରେ ଅନ୍ୟ ଦେବତାମାନଙ୍କ ସହିତ ଉପସ୍ଥିତ ଥା'ନ୍ତି ନିଜେ କଳ୍ପବୃକ୍ଷ । କଳ୍ପବୃକ୍ଷ ଦେବତାଙ୍କ ଭିତରେ ସବୁଠୁ ଜଣାଶୁଣା, କାରଣ ତାଙ୍କର କ୍ଷମତା ବହୁତ ବେଶୀ । ଭକ୍ତ ତାଙ୍କ ନିକଟରେ ଯାହା ଇଚ୍ଛା କରେ

Digitized by srujanika@gmail.com

ତାହା ସାଙ୍ଗେ ସାଙ୍ଗେ ପାଇଯାଏ । କଳ୍ପବୃକ୍ଷ ଯୋଗୁହିଁ ସ୍ୱର୍ଗପୁରୀଟା ଏଡ଼େ ସୁନ୍ଦର ଓ ସୁଖକର ହୋଇଛି ।

ସଭା ଚାଲିଥାଏ । କାନ୍ତିପୁରର ଉନ୍ନତିପାଇଁ କେଉଁ ଦେବତା କିଭଳି ସାହାଯ୍ୟ କରିବେ କହୁଥାନ୍ତି । ଶିବ ମନେ ମନେ ଭାବିଲେ – ଏତେ କଥାରୁ କ'ଣ ମିଳିବ ? ଏକା 'କଳ୍ପବୃକ୍ଷ' ଏଠି କିଛିଦିନ ଅଟକିଗଲେ କାନ୍ତିପୁରର ଚେହେରା ବଦଳିଯିବ । ଧନରତ୍ନ ଶାନ୍ତିସୁଖ ଭରିଯିବ ।

ଏଇ କଥା ଭାବି ଶିବ ଜଣେ ଭକ୍ତକୁ ଚୁପ୍‌ଚାପ୍ ଇସାରା କଲେ – ''ହଇରେ, ତୁ ଯାଇ ସେଇ କଳ୍ପବୃକ୍ଷଙ୍କୁ ଧରିପକା । ମୋତେ ଛାଡ଼ିବୁନି । ମୁଁ ନ କହିଲା ପର୍ଯ୍ୟନ୍ତ ଧରିଥିବୁ ।'' କଳ୍ପବୃକ୍ଷ ସେଠି ମଣିଷ ରୂପ ଧରି ବସିଥାନ୍ତି । ଭକ୍ତଟି ଶିବଙ୍କ ପରାମର୍ଶରେ ତାଙ୍କୁ ଧରିପକାଇଲା ।

Digitized by srujanika@gmail.com

ସଭା ଶେଷ ହେବା ପରେ ସବୁ ଦେବତା ଜଣ ଜଣ କରି ଫେରିଲେ । କିନ୍ତୁ କଳ୍ପବୃକ୍ଷ ଫେରିପାରିଲେ ନାହିଁ । ଭକ୍ତ ତାଙ୍କୁ ଜାବୁଡ଼ିଧରିଥାଏ । ଶିବ ମଧ୍ୟ ଗୋପନରେ ସେ ଭକ୍ତ ଦେହରେ ନିଜର ବଳରୁ କିଛି ମିଶାଇଦେଲେ । ତେଣୁ କଳ୍ପବୃକ୍ଷ ଯେତେ ଛାଟିପିଟି ହେଲେ ବି ଖସିଯାଇପାରିଲେନି ।

ଏହା ଦେଖି ଶିବ କହିଲେ – "ହଇ ହେ କଳ୍ପବୃକ୍ଷ, ତୁମେ ଏଇଠି ନ ରହିଲେ ଏ ଜାଗାଟା ସୁନ୍ଦର କିମିତି ହେବ ? ତୁମେ ରହିଯାଅ ।"

କଳ୍ପବୃକ୍ଷ କହିଲେ – "ଆପଣ ବୁଝୁନାହାନ୍ତି । ମୁଁ ଏଠି ରହିଲେ ତେଣେ ସ୍ୱର୍ଗଟା ଗରିବ ଓ ଅସୁନ୍ଦର ହୋଇଯିବ । ଅନ୍ୟ ଦେବତାମାନେ ଆପଣଙ୍କ ନିନ୍ଦା କରିବେ । ତେଣୁ ମୋତେ ଛାଡ଼ିଦିଅନ୍ତୁ । ବରଂ ମୋ ବଦଳରେ ଏଠି ରହିବାପାଇଁ ମୁଁ ଅନ୍ୟ ଗୋଟିଏ ଗଛ ଦେଉଛି । ତା' ଯୋଗୁ ଏ ନଗରୀ ସୁନ୍ଦର ହୋଇଯିବ ।"

କଳ୍ପବୃକ୍ଷଙ୍କ କଥାରେ ଶିବ ରାଜିହୋଇଗଲେ । କଳ୍ପବୃକ୍ଷ ଛାଡ଼ ପାଇବା ପରେ କାନ୍ତିପୁରରେ ରହିବାପାଇଁ ଯେଉଁ ଗଛଟି ଦେଲେ ସେଇଟି ହେଉଛି "ଶାଳ" । ଗଛଟିକୁ ଦେଖି ଶିବ ଖୁସି ହେଲେ । ବାଃ, ବଢ଼ିଆ ଟାଣ ଓ ଡେଙ୍ଗା ଗଛ ତ ! ସେଇଦିନୁ କାନ୍ତିପୁରରେ ଶାଳଗଛ ହଜାର ହଜାର ସଂଖ୍ୟାରେ ଉଠିଲା । ଲୋକେ ସେଇ ଗଛର କାଠ ବ୍ୟବହାର କରି ଘରର ଖୁଣ୍ଟ, କାନ୍ଥ ଓ ଛାତମାନ କଲେ । ସହରଟି ଅତି ସୁନ୍ଦର ଦିଶିଲା ।

କ୍ରମେ ସହରଟିର ନାଁ ମଧ୍ୟ ବଦଳିଗଲା । କାଠକାମ ଓ କାରିଗରି ଯୋଗୁଁ ସହରର ଖ୍ୟାତି ବଢ଼ିଗଲା । ନାଁ ହେଲା କାଠମାଣ୍ଡୁ ।

ତିନି କଣେଇ କଥା

ବହୁତ ଦିନ ତଳର କଥା । ପୁନାରେ ପେଶୱା ରାଜାଙ୍କର ଦରବାର ଚାଲିଥାଏ । ବହୁ ପାତ୍ରମନ୍ତ୍ରୀ ଉପସ୍ଥିତ ଥାଆନ୍ତି । ଏହି ସମୟରେ ରାଜାଙ୍କ ଅନୁମତି ନେଇ ଜଣେ ବିଦେଶୀ ଶିଳ୍ପୀ ଦରବାର ଭିତରକୁ ପଶିଆସି

Digitized by srujanika@gmail.com

ଅଭିବାଦନ ଜଣାଇଲେ । ରାଜା ତାଙ୍କୁ ଆସିବାର କାରଣ ପଚାରନ୍ତେ ଶିଳ୍ପୀଜଣକ ନିଜ ମୁଣିରୁ ତିନୋଟି ଅତି ସୁନ୍ଦର କଣ୍ଢେଇ ବାହାରକରି ଗୋଟି ଗୋଟି କରି ତାଙ୍କ ଆଗରେ ଥୋଇଲେ । ତିନୋଟିଯାକ କଣ୍ଢେଇ ଥିଲା ଦେଖିବାକୁ ଏକାଭଳି । ରଙ୍ଗ, ଆକାର, ଗଢ଼ଣରେ ତିନି କଣ୍ଢେଇ ଭିତରେ ଟିକିଏ ବି ପାର୍ଥକ୍ୟ ବାରିହେଉନଥିଲା । ସୁନ୍ଦର କଣ୍ଢେଇ ତିନୋଟି ଦେଖି ସମସ୍ତେ ଶିଳ୍ପୀଙ୍କର ପ୍ରଶଂସାକଲେ ।

କିନ୍ତୁ କାରିଗର ଜଣକ ପ୍ରଶଂସା ପାଇବାପାଇଁ ଦରବାରକୁ ଆସିନଥିଲେ । ସେ ଆସିଥିଲେ ପୁନା ଦରବାରରେ ଥିବା ଲୋକଙ୍କର ବୁଦ୍ଧି ପରୀକ୍ଷା କରିବାକୁ । ସେ କହିଲେ – "ମତେ ଏ କଣ୍ଢେଇ ଗଢ଼ିବାକୁ ଏକ ବର୍ଷ ଲାଗିଛି । ଆପଣମାନଙ୍କୁ ଯେଉଁ କଣ୍ଢେଇ ତିନିଟି ଏକାଭଳି ଦିଶୁଛି

Digitized by srujanika@gmail.com

ତାହା ଭିତରେ କମ୍ ହେଲେ ବି ନିଶ୍ଚୟ କିଛି ପାର୍ଥକ୍ୟ ରହିଛି । ଶୁଣିଚି ଏହି ଦରବାରରେ ବହୁ ବୁଦ୍ଧିମାନ୍ ଲୋକ ଅଛନ୍ତି । ଯଦି ଏହି ପାର୍ଥକ୍ୟ କେହି କହିଦେଇପାରନ୍ତି, ତା'ହେଲେ ଏହି ଦରବାରରେ ପ୍ରକୃତ ବୁଦ୍ଧିମାନ୍ ଲୋକ ଅଛନ୍ତି ବୋଲି ମୁଁ ମାନିବି ।''

ଶିଳ୍ପୀଙ୍କ କଥା ଶୁଣି ସଭାସଦ୍‌ମାନେ ଜଣ ଜଣ କରି କଣ୍ଢେଇ ତିନୋଟିକୁ ଭଲକରି ପରୀକ୍ଷା କରିବାକୁ ଲାଗିଲେ । କିନ୍ତୁ ତା ଭିତରେ କ'ଣ ଯେ ଫରକ୍ ଅଛି, ତାହା କେହି କିଛି ଠଉରାଇ ପାରିଲେ ନାହିଁ। ସେମାନଙ୍କ ମୁହଁ ଲାଜରେ ଝାଉଁଳି ପଡ଼ିଲା ଭଳି ଲାଗିଲା । ରାଜା ସମସ୍ତଙ୍କ ମୁହଁକୁ ଚାହିଁଲେ । ତା'ହେଲେ କ'ଣ ତାଙ୍କର ଦରବାର ଜଣେ ବିଦେଶୀ ଶିଳ୍ପୀର ବୁଦ୍ଧି ପାଖରେ ହାରମାନିବ ?

ପାଖରେ ବସିଥାଆନ୍ତି ମନ୍ତ୍ରୀ ନାନାଫଡ଼୍‌ନାବୀଶ୍ । ବୁଦ୍ଧିମାନ୍ ଲୋକ ଭାବରେ ତାଙ୍କର ବହୁତ ଖ୍ୟାତି । ରାଜା ଶେଷରେ ତାଙ୍କଆଡ଼କୁ ଚାହିଁଲେ । ଉଦ୍ଦେଶ୍ୟ ବୁଝିପାରି ମନ୍ତ୍ରୀ ନାନା ଭଲକରି କଣ୍ଢେଇ ତିନୋଟିକି ନିରୀକ୍ଷଣ କଲେ । ତାପରେ କାରିଗରଙ୍କୁ କହିଲେ – ''କୌଣସି ଭଲଜିନିଷର ତଥାଚ୍ ବାରିବା ଏତେ ସରଳ କାମ ନୁହେଁ, କିମ୍ବା ଏତେ କମ୍ ସମୟରେ କରାଯାଇପାରେନାହିଁ । ସେଥିପାଇଁ କିଛିଦିନ ସମୟ ଦରକାର ।''

ନାନାଙ୍କ କଥା ଶୁଣି ଶିଳ୍ପୀ ଏଥିପାଇଁ ସାତଦିନ ସମୟ ଦିଆଯାଇପାରେ ବୋଲି ରାଜିହେଲେ । ନାନାଫଡ଼୍‌ନାବୀଶ୍ ମୂର୍ତ୍ତି ତିନୋଟିକୁ ପରୀକ୍ଷା କରିବାପାଇଁ ନିଜ ପାଖରେ ରଖିଲେ ।

ଚାହୁଁ ଚାହୁଁ ଛଅଦିନ ବିତିଗଲା । ସପ୍ତମ ଦିନ ଦରବାର ପୁଣି ଥରେ ଲୋକାରଣ୍ୟ ହୋଇଗଲା । ସେଦିନ ନାନାଫଡ଼୍‌ନାବୀଶ୍ କଣ୍ଢେଇ ତିନୋଟି ବିଷୟରେ କହିବାକୁ ଥାଏ । ତାହା ଶୁଣିବାପାଇଁ ଦେଶର ବହୁ ବୁଦ୍ଧିମାନ୍ ଓ ପଣ୍ଡିତ ଲୋକ ଦରବାରକୁ ଆସିଥାଆନ୍ତି । ଦରବାର ଆରମ୍ଭ ହେଲା । ଶିଳ୍ପୀ ଆସି ପହଞ୍ଚିଲେ । ପରେ ପରେ ରାଜାଙ୍କ ଆଦେଶରେ ତିନୋଟି କଣ୍ଢେଇ ଧରି ନାନାଫଡ଼୍‌ନାବୀଶ୍ ଠିଆହେଲେ ।

Digitized by srujanika@gmail.com

ସେ କହିଲେ – ''ଏହି କଣ୍ଢେଇ ତିନୋଟି ଭିତରେ ଯେଉଁ ପାର୍ଥକ୍ୟ ଅଛି ତାହା ସାମାନ୍ୟ ନୁହେଁ, ବରଂ ବହୁତ ବଡ଼ ଓ ଅସାଧାରଣ । ସେଥିପାଇଁ କାରିଗରଙ୍କୁ ମୁଁ ପ୍ରଶଂସା ଜଣାଉଛି ।''

ତହିଁରୁ ଗୋଟାଏ କଣ୍ଢେଇ ନେଇ ସେ ସମସ୍ତଙ୍କୁ ଦେଖାଇଲେ । ତା'ପରେ ଖଣ୍ଡିଏ ସରୁ କୁଟା ନେଇ ସେହି କଣ୍ଢେଇଟିର ଗୋଟିଏ କାନରେ ଥିବା ରନ୍ଧ୍ର ଭିତରକୁ ପୂରାଇଲେ । ବଡ଼ ଆଶ୍ଚର୍ଯ୍ୟର କଥା କୁଟାଟି କାନର ରନ୍ଧ୍ରରେ ପଶି କଣ୍ଢେଇଟିର ପାଟିବାଟେ ବାହାରିଆସିଲା । ସମସ୍ତେ ତାହା ଦେଖି ତାଜୁବ୍ ହୋଇଗଲେ । ନାନାଫଡ୍‌ନାବୀଶ୍ କହିଲେ ଯେ ଏହି ଜାତୀୟ ମଣିଷକୁ କେହି ବିଶ୍ୱାସରେ ଗୋପନ କଥା କହିବା ଉଚିତ ନୁହେଁ । କାରଣ ସେ ଯାହା କାନରେ ଶୁଣେ ତାହା ପାଟିବାଟେ ସଙ୍ଗେ ସଙ୍ଗେ ବାହାରକରିଦିଏ । ଏଣୁ ଏହାକୁ ବିଶ୍ୱାସଘାତକ ବୋଲି କୁହାଯାଇପାରେ ଏବଂ ଏଭଳି ଚରିତ୍ରର ଲୋକ ନିଶ୍ଚୟ ବିପଦର କାରଣ ହୁଅନ୍ତି ବୋଲି ଏହି କଣ୍ଢେଇଟି ଶିକ୍ଷାଦେଉଛି ।

ନାନାଙ୍କର କଥା ଶୁଣି ସଭାର ଲୋକମାନେ ''ସାଧୁ, ସାଧୁ'' କହିଲେ ।

ତା'ପରେ ନାନା ଦ୍ୱିତୀୟ କଣ୍ଢେଇଟି ହାତରେ ଧରିଲେ । ସେହି କୁଟାଖଣ୍ଡିକ ନେଇ ଦ୍ୱିତୀୟ କଣ୍ଢେଇଟିର ବାମ କାନର ରନ୍ଧ୍ରବାଟେ ପୂରାଇବାରୁ ତାହା ଡାହାଣ କାନର ରନ୍ଧ୍ରବାଟେ ବାହାରିଗଲା । ତାହାଫଳରେ ପ୍ରଥମ କଣ୍ଢେଇଠାରୁ ଦ୍ୱିତୀୟ କଣ୍ଢେଇଟିର ପାର୍ଥକ୍ୟ ଆପେ ଆପେ ବୁଝାପଡ଼ିଗଲା ।

ନାନା କହିଲେ – ଏହି କଣ୍ଢେଇ ଭଳି ବହୁଲୋକ ପୃଥିବୀରେ ଅଛନ୍ତି । ଯେଉଁ କଥା ସେମାନେ ଗୋଟିଏ କାନବାଟେ ଶୁଣନ୍ତି ତାହା ଅନ୍ୟ କାନଟି ବାଟେ ସହଜରେ ବାହାରିଯାଏ । ତେଣୁ ଏଭଳି ଲୋକ କିଛି ମନେ ରଖି ପାରନ୍ତିନାହିଁ । ସେମାନେ ଅତି ବୋକା ଶ୍ରେଣୀର । ସେମାନଙ୍କଦ୍ୱାରା କୌଣସି ଦାୟିତ୍ୱପୂର୍ଣ୍ଣ କାମ କରାଇବା ଉଚିତ ନୁହେଁ ବୋଲି ଏହି କଣ୍ଢେଇଟି ଶିକ୍ଷାଦେଉଛି ।

Digitized by srujanika@gmail.com

ଏଥର ମଧ୍ୟ ନାନାଙ୍କର ବୁଦ୍ଧିର ପରିଚୟ ପାଇ ପୁଣି ଥରେ ସମସ୍ତେ "ସାଧୁ, ସାଧୁ" ବୋଲି କହିଲେ ।

ଅବଶେଷରେ ନାନା ତୃତୀୟ କଣ୍ଢେଇଟିକୁ ହାତରେ ଧରି କହିଲେ – "ତିନୋଟିଯାକ ଭିତରେ ଏହି କଣ୍ଢେଇଟି ହେଉଛି ସବୁଠାରୁ ଭଲ ।"



ଏଥର ମଧ୍ୟ ପୂର୍ବ ଦୁଇଥରଭଳି ନାନା କୁଟାଟିକୁ ନେଇ କଣ୍ଢେଇଟିର କାନର ରନ୍ଧ୍ରବାଟେ ପୂରାଇଲେ । କିନ୍ତୁ କୁଟାଖଣ୍ଡିକ ନା କାନବାଟେ ବାହାରିଲା ନା ପାଟିବାଟେ, ଅଥଚ ପୂରା କୁଟାଖଣ୍ଡିକ କଣ୍ଢେଇ ଭିତରକୁ ଅନାୟାସରେ ଚାଲିଗଲା । ତାହା ଦେଖାଇ ନାନା କହିଲେ – "ଏହାହିଁ ହେଉଛି ଅନ୍ୟ ଦୁଇଟି କଣ୍ଢେଇଠାରୁ ଏହାର ତଫାତ୍ । ଜଣେ ଆଦର୍ଶ, ବିଶ୍ୱସ୍ତ ଓ ଦାୟିତ୍ୱବାନ୍ ଲୋକଙ୍କୁ ଆଖି ଆଗରେ ରଖି ଏହି କଣ୍ଢେଇଟି କାରିଗର ତିଆରି କରିଛନ୍ତି । ଏହି କଣ୍ଢେଇଭଳି ଲୋକ ଯାହା ଶୁଣନ୍ତି ତା ମନେରଖନ୍ତି, ବିଚାର କରନ୍ତି ଓ ଅଯଥାରେ ଏଣେତେଣେ ଦାୟିତ୍ୱହୀନ ଲୋକଭଳି ଗପିହୁଅନ୍ତିନାହିଁ । ଏପରି ଲୋକ ଜଗତର ମଣିତୁଲ୍ୟ ବୋଲି କଣ୍ଢେଇଟି ଶିକ୍ଷାଦେଉଛି ।"

କଣ୍ଢେଇ ତିନୋଟି ବିଷୟରେ ନାନାଫଡ୍‌ନାବୀଶ୍‌ଙ୍କର ବିବରଣୀ ଶୁଣି

Digitized by srujanika@gmail.com

ସଭାସଦ୍‌ଙ୍କ ସହିତ ରାଜା ଓ ବିଦେଶୀ କାରିଗର ଜଣକ ମଧ୍ୟ ତାଙ୍କ ବୁଦ୍ଧି ଓ ପାଣ୍ଡିତ୍ୟର ପ୍ରଶଂସାକଲେ ।

କରତାଳି ଓ "ସାଧୁ, ସାଧୁ" ଶବ୍ଦରେ ଦରବାର ଉଛୁଳି ପଡ଼ିଲା । ଶେଷରେ କାରିଗର କହିଲେ – "ମନ୍ତ୍ରୀ ନାନାଫଡ଼୍‌ନାବୀଶ୍‌ଙ୍କ ବୁଦ୍ଧି ଓ ପାଣ୍ଡିତ୍ୟ ବିଷୟରେ ଦେଶ ବିଦେଶରେ ଶୁଣିଥିଲି, ତାର ପରିଚୟ ମୁଁ ଏଠାରେ ପାଇଲି । ମୋ ପ୍ରଶ୍ନର ମୁଁ ଠିକ୍ ଉତ୍ତର ପାଇଛି । ମୁଁ ତାଙ୍କ ପାଖରେ ହାରମାନିନେଉଛି । ତା ସହିତ ମୁଁ ନିବେଦନ କରୁଛି ଯେ ନାନାଫଡ଼୍‌ନାବୀଶ୍‌ଙ୍କ ବୁଦ୍ଧି ଓ ପାଣ୍ଡିତ୍ୟ ପାଇଁ ରାଜା ତାଙ୍କୁ ଏହି ଶେଷ କଣ୍ଢେଇଟି ଓଜନର ସୁନା ଉପହାର ଦେଲେ ମୁଁ ଖୁସିହେବି ।"

ମନ୍ତ୍ରୀଙ୍କ ବୁଦ୍ଧି ପରୀକ୍ଷା

(ନାନାଫଡ଼୍‌ନାବିଶ୍‌ଙ୍କ ବୁଦ୍ଧି ପରୀକ୍ଷାର ଆଉ ଏକ କାହାଣୀ ।)

ଦିନେ ଜଣେ ଆରବଦେଶୀୟ ସୌଦାଗର ଦୁଇଟି ଅତି ସୁନ୍ଦର ମାଈ ଘୋଡ଼ା ଧରି ପୁନାରେ ପହଞ୍ଚିଲେ । ସେ ଘୋଡ଼ୀଦୁଇଟିର ଚେହେରା ଦେଖି ବହୁଲୋକ କିଣିବାପାଇଁ ଚାହିଁଲେ । ଇଚ୍ଛା କରିଥିଲେ ସୌଦାଗର ଜଣକ ସେ ଦୁଇଟିକୁ ବହୁତ ଚଢ଼ା ଦାମ୍‌ରେ ବିକ୍ରି କରି ପାରିଥାଆନ୍ତେ । କିନ୍ତୁ ସେ ତା କଲେନାହିଁ । କିଣିବାକୁ ଚାହୁଁଥିବା ଲୋକଙ୍କୁ ସେ କହିଲେ, "ଏ ଘୋଡ଼ୀଦୁଇଟିକୁ ମୁଁ ବିକିବାପାଇଁ ଆଣିନାହିଁ । ଆସିଛି ପୁନାର ରାଜାଙ୍କୁ ଭେଟିଦେବାଲାଗି । କିନ୍ତୁ ଭେଟି ଗୋଟିଏ ସର୍ତ୍ତରେ ଦିଆଯିବ ।"

ଲୋକେ ପଚାରିଲେ – "ସର୍ତ୍ତଟି କ'ଣ ?"

ସୌଦାଗର କହିଲେ – "ଏ ଘୋଡ଼ୀଦୁହିଁଙ୍କ ଭିତରୁ କିଏ 'ମା' ଓ କିଏ 'ଝିଅ' ଯଦି ପୁନା ଦରବାରର କୌଣସି ସଦସ୍ୟ ଚିହ୍ନଟ କରି ଦେଇପାରନ୍ତି, ତା'ହେଲେ ଘୋଡ଼ୀଦୁଇଟିକୁ ଉପହାର ଦେଇ ମୁଁ ମୋ ଦେଶକୁ ବାହୁଡ଼ିଯିବି ।"

Digitized by srujanika@gmail.com

ସତକୁ ସତ ସୌଦାଗର ଦରବାରରେ ପହଞ୍ଚିଲେ । ରାଜାଙ୍କୁ ଅଭିବାଦନ କରି ଉପହାରର ସର୍ତ୍ତକଥା ଜଣାଇଲେ । ଦରବାରର ଉପସ୍ଥିତ ସଦସ୍ୟମାନେ ଘୋଡ଼ୀ ଦୁଇଟିକୁ ଦେଖିଲେ । ଦୁଇଟିଯାକ ଘୋଡ଼ୀ ଏକାଭଳି ଦିଶୁଥିଲେ । ସତକୁ ସତ କିଏ ବଡ଼, କିଏ ସାନ, କିଏ ମା' କିଏ ଝିଅ, କେହି କିଛି ବାରିପାରିଲେ ନାହିଁ ।

ଦରବାରରେ ନାନାଫଡ୍‌ନାବୀଶ୍ ଉପସ୍ଥିତ ଥାଆନ୍ତି । ରାଜା ତାଙ୍କୁ ଚାହିଁ ସମସ୍ୟାର ସମାଧାନ କରିବାକୁ କହିଲେ ।

ନାନା ଘୋଡ଼ୀ ଦୁଇଟି ନିକଟକୁ ଯାଇ କିଛି ସମୟ ଉଭୟଙ୍କୁ ପରୀକ୍ଷାକଲେ । କିନ୍ତୁ କିଏ ମା' ଓ କିଏ ଝିଅ କିଛି ଠଉରାଇ ପାରିଲେ ନାହିଁ । ତେଣୁ ସେ ସୌଦାଗରକୁ କହିଲେ – "ସମସ୍ୟାର ସମାଧାନ

Digitized by srujanika@gmail.com

କରିବାକୁ ମୋତେ ଦୁଇଦିନ ସମୟ ଦିଅ । ଏହି ଦୁଇଦିନଯାକ ଘୋଡ଼ୀଦୁଇଟିଙ୍କ ସହିତ ତମେ ମୋ ଅତିଥିଶାଳାରେ ରହିବ ।''

ସୌଦାଗର ରାଜିହେଲେ । ପରଦିନ ସୌଦାଗରଙ୍କୁ ଘୋଡ଼ୀଦୁଇଟି ସହିତ ନାନା ନଈକୂଳକୁ ଡାକିନେଲେ । ନଈରେ ସୁଅ ଛୁଟିଥାଏ । ନାନା

ସୌଦାଗରଙ୍କୁ କହିଲେ – ''ତୁମ ଘୋଡ଼ୀଦୁଇଟି ନଈ ପହଁରି ଆରପଟକୁ ଯାଇପାରିବେ ତ ?''

ସୌଦାଗର ହଁଭରିବାରୁ ନାନା କହିଲେ – ''ତେବେ ଘୋଡ଼ୀଦୁଇଟିକୁ ନଈ ପହଁରି ଆର କୂଳକୁ ଯିବାପାଇଁ ଆଦେଶ ଦିଅ ।''

Digitized by srujanika@gmail.com

ସୌଦାଗରର ଆଦେଶରେ ଘୋଡ଼ୀଦୁଇଟି ଏକ ସଙ୍ଗରେ ନଈ ଭିତରକୁ ଡେଇଁପଡ଼ିଲେ ଓ ପହଁରିବାକୁ ଲାଗିଲେ ।

କୂଳରେ ଠିଆହୋଇ ନାନା ଓ ସୌଦାଗର ସେ ପହଁରା ଦୃଶ୍ୟ ଦେଖୁଥାଆନ୍ତି । ଘୋଡ଼ୀ ଦୁଇଟି କିଛି ବାଟ ଏକାଠି ପହଁରିବା ପରେ ନଈର ଠିକ୍ ମଝିଆମଝି ଜାଗାରେ ସୁଅର ତୋଡ଼ ବେଶୀ ହେଲା । ଗୋଟିଏ ଘୋଡ଼ୀ ସୁଅର ବେଗ ସହିନପାରି ଟିକିଏ ପଛେଇଗଲା । ତା'ଦେଖି ଆଗ ଘୋଡ଼ୀଟି ବୁଲିପଡ଼ି ପଛ ଘୋଡ଼ୀଟିକୁ ଆଗକୁ ଯିବାରେ ସାହାଯ୍ୟକଲା ।

ଏହି ସମୟରେ ମନ୍ତ୍ରୀ ନାନା ସୌଦାଗରକୁ କହିଲେ – ''ଏଇ ଦେଖ । ଯେଉଁ ଘୋଡ଼ୀଟି ପଛକୁ ବୁଲିପଡ଼ି ପଛୁଆ ଘୋଡ଼ୀଟିକୁ ପହଁରିବାରେ ସାହାଯ୍ୟ କଲା, ସେ ହିଁ ହେଉଛି 'ମା' ଓ ଅନ୍ୟଟି ତା'ର 'ଝିଅ' । କାରଣ ବିପଦବେଳେ ଝିଅକୁ ପଛରେ ଛାଡ଼ି ମା' କଦାପି ଆଗକୁ ଚାଲିଯାଏ ନାହିଁ । ବୟସ ଦୃଷ୍ଟିରୁ ମାଆର ଅଭିଜ୍ଞତା ବେଶୀ ହୋଇଥିବାରୁ ପ୍ରଖର ସୁଅକୁ କେମିତି କାଟିବାକୁ ହେବ ତା ସେ ଜାଣିଥିଲା, ଯାହା ଝିଅ ଜାଣିନଥିଲା ।''

ନାନାଙ୍କ କଥାରେ ସୌଦାଗର ସନ୍ତୁଷ୍ଟ ହୋଇ ରାଜଦରବାରରେ ଘୋଡ଼ୀଦୁଇଟିକୁ ଭେଟିଦେଇ ନିଜ ଦେଶକୁ ଫେରିଗଲା । ସମସ୍ତେ ନାନାଙ୍କ ବୁଦ୍ଧିର ପ୍ରଶଂସା କଲେ ।

ପାର୍ସୀମାନେ ଭାରତକୁ ଆସିଲେ

ବହୁତ ଦିନ ତଳର କଥା । ସେତେବେଳେ ଗୁଜରାଟରେ ଜଣେ ଭଲ ରାଜା ଥା'ନ୍ତି । ତାଙ୍କ ନାଁ ଯାଦବ ରାଣା । ସେ ଯେମିତି ବୀର ସେମିତି ଭଲ ଶାସକ ମଧ୍ୟ ଥିଲେ । ରାଜ୍ୟରେ ଶାନ୍ତି ଥିଲା । ଚୋର ଡକେଇତଙ୍କ ଭୟ ନ ଥିଲା । ଲୋକମାନେ ସୁଖରେ ଚଳୁଥିଲେ ।

ଗୁଜରାଟର ଅଳ୍ପ ଦୂରରେ ଭାରତ ସୀମା ସରିଥିଲା । ଏଇ ସୀମା ପାରହୋଇ ଅନେକ ସମୟରେ ବିଦେଶୀମାନେ ଗୁଜରାଟ ଭିତରକୁ

Digitized by srujanika@gmail.com

ପଶିଆସୁଥିଲେ ଓ ଲୋକଙ୍କ ଧନସଂପଦ ଲୁଟିନେଉଥିଲେ । ଯାଦବ ରାଣା ସେଥିପାଇଁ ରାଜ୍ୟ ସୀମାରେ କଡ଼ା ପହରା ବ୍ୟବସ୍ଥା କରିଥିଲେ ଯେପରିକି ବିଦେଶୀମାନେ ଗୋଳମାଳ କରିବାକୁ ଦେଶ ଭିତରକୁ ପଶିନଆସନ୍ତି । ତେଣୁ ରାଜା ଯାଦବ ରାଣାଙ୍କ ଅମଳରେ ବିଦେଶୀଙ୍କ ଆକ୍ରମଣ ଓ ଲୁଟତରାଜ ବହୁତ ପରିମାଣରେ କମିଯାଇଥିଲା ।

ଭାରତ ବାହାରେ ପାର୍ସୀମାନଙ୍କର ନିଜର ଦେଶ ଥିଲା । ସେମାନେ ସ୍ୱାଧୀନଭାବେ ନିଜ ଦେଶରେ ରହି ନିଜର ଧର୍ମ ପାଳନ କରିଆସୁଥିଲେ । କିନ୍ତୁ ଅତି ଦୁଃଖର କଥା, ସେଇ ସମୟରେ ସେମାନଙ୍କ ଦେଶ ଓ ଧର୍ମ ଉପରେ ଅନ୍ୟ ଧର୍ମର ଲୋକେ ଅତ୍ୟାଚାରକଲେ । ପାର୍ସୀମାନଙ୍କ ଠାକୁରଘର ଓ ପୂଜାପୀଠ ଭାଙ୍ଗିଦିଆଗଲା । ଯେଉଁମାନେ ଏହାର ବିରୋଧ କଲେ ସେମାନଙ୍କୁ ମାରିଦିଆଗଲା । ପାର୍ସୀମାନଙ୍କ ରାଜ୍ୟ ଓ ଧର୍ମ ଏହିପରି ବିଦେଶୀଙ୍କ ଆକ୍ରମଣରେ ଛାରଖାର ହେଲା ।

କେତେକ ପାର୍ସୀ ଜୀବନ ବଞ୍ଚାଇବାକୁ ନିଜର ଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣକରିଗଲେ । ଆଉ କେତେକ ରାଜ୍ୟ ଛାଡ଼ି ପଳାଇଗଲେ । ଏଇପରି ବିପଦ ସମୟରେ ଦଳେ ପାର୍ସୀଲୋକ ବସି ବିଚାରକଲେ – କେଉଁ ଦେଶକୁ ଗଲେ ସେମାନଙ୍କ ଜୀବନ ଓ ଧର୍ମ ରକ୍ଷାହେବ ।

ଜଣେ ବୁଢ଼ା ତାଙ୍କ ଭିତରେ ଥିଲେ । ସେ ହେଉଛନ୍ତି ପାର୍ସିମାନଙ୍କ ପୁରୋହିତ । ସେ କହିଲେ – "ପୂର୍ବଦିଗରେ ଗୋଟିଏ ଦେଶ ଅଛି । ତା'ର ନାମ ଭାରତ । ସେଠି କେତେ ଜାତି ଓ କେତେ ଧର୍ମର ଲୋକ ଅଛନ୍ତି । ସେଇଠିକି ଗଲେ ହୁଏତ ଆମର ଜୀବନ ଓ ଧର୍ମ ରକ୍ଷାପାଇବ ।"

ସମସ୍ତେ ତାଙ୍କ କଥାରେ ରାଜିହେଲେ । ବୁଢ଼ାବୁଢ଼ୀ ଛୁଆପିଲା, କୁଟୁମ୍ବମାନଙ୍କୁ ଧରି ସେମାନେ ଭାରତଆଡ଼କୁ ଚାଲିଲେ । ପଛରେ ରହିଗଲା ତାଙ୍କ ନିଜର ଗାଁ, ନିଜର ସମ୍ପତ୍ତିବାଡ଼ି ଓ ପ୍ରିୟ ଜନ୍ମଭୂମି ।

ବହୁଦିନ ଧରି ଚାଲିବା ପରେ ସେମାନେ ଆସି ଗୁଜରାଟରେ ପହଞ୍ଚିଲେ । ସୀମା ଜଗିଥିବା ସିପାହୀମାନେ ସେମାନଙ୍କୁ ଦେଖିଲେ । ସିପାହୀମାନେ ଦେଖିଲେ ଲୋକଗୁଡ଼ାକ ବିଦେଶୀ ସତ, କିନ୍ତୁ ସେମାନଙ୍କ

Digitized by srujanika@gmail.com

ଉଦ୍ଦେଶ୍ୟ ମନ୍ଦ ଥିଲାଭଳି ଜଣାପଡୁନି । କାହାରି ହାତରେ କିଛି ଅସ୍ତ୍ରଶସ୍ତ୍ର ନାହିଁ । ସାଙ୍ଗରେ ପୁଣି ସ୍ତ୍ରୀଲୋକ ଓ ଛୁଆ ଅଛନ୍ତି । ତେଣୁ ସିପାହୀମାନେ ସେମାନଙ୍କ ପ୍ରତି ଖରାପ ବ୍ୟବହାର ନକରି କେବଳ କଡ଼ା ନଜର ରଖିଲେ । ତାଙ୍କ ମଧ୍ୟରୁ କେତେଜଣ ଯାଇ ସେନାପତିଙ୍କୁ ଏ ଖବର ଦେଲେ । ସେନାପତି ଜଣାଇଲେ ମନ୍ତ୍ରୀଙ୍କୁ ।

ମନ୍ତ୍ରୀ ସେମାନଙ୍କୁ ବିଦେଶୀ ଗୁପ୍ତଚର ବୋଲି ସନ୍ଦେହ କଲେ । କାରଣ ଗୁପ୍ତଚରମାନେ କେତେ ରୂପରେ କେତେ ଢଙ୍ଗରେ ଆସନ୍ତି । ପୁଣି ଛୁଆ, ପିଲା, ବୁଢ଼ା ବୁଢ଼ୀ ଦଳବଳ ଧରି ଆସିଲେ ତ କେହି ସନ୍ଦେହ କରିବେନାହିଁ । ସେମାନଙ୍କ ଜରିଆରେ ଆମ ରାଜ୍ୟର ଖବର ସଂଗ୍ରହ କରିବାଲାଗି ଯଦି କେଉଁ ବିଦେଶୀ ରାଜା ପଠାଇଥା'ନ୍ତି !

Digitized by srujanika@gmail.com

ସେ ତାଙ୍କ ବିଚାର ରାଜାଙ୍କୁ ଜଣାଇଲେ । ରାଜା କହିଲେ – "ଯଦି ସନ୍ଦେହ ହେଉଛି ସେମାନଙ୍କୁ ଦରବାରକୁ ଡକାଇଆଣ । ଯଦି ଗୁପ୍ତଚର ହୋଇଥିବେ କଥାଟା ଲୁଚିରହିବନାହିଁ ।"

ତାହା କରାଗଲା । ଦିନେ ଲୋକେ ଦେଖିଲେ ଯେ ଦଳଟିଯାକ ବିଦେଶୀଙ୍କୁ ସିପାହୀମାନେ ରାଜଦରବାରଆଡ଼େ ଚଲାଇ ନେଉଛନ୍ତି । ଆଗେ ଆଗେ ଚାଲିଛନ୍ତି ତାଙ୍କର ବୁଢ଼ା ପୁରୋହିତ । ସେ ହାତରେ ଗୋଟିଏ ପିତଳ ଭୁଖା ଧରିଛନ୍ତି । ସେଇ ଭୁଖାରେ ଅଗ୍ନି ଜଳୁଛି । ସେଇ ଅଗ୍ନି ତାଙ୍କର ଠାକୁର । ତାଙ୍କ ପଛେ ପଛେ ଅନ୍ୟମାନେ ଚାଲିଛନ୍ତି । ଦୁଇ କଡ଼ରେ ରାଜାଙ୍କ ସିପାହୀମାନେ ।

ରାଜାଙ୍କ ଆଦେଶ ଥାଏ – "ଦେଖ, ବିଦେଶୀମାନେ ଆମର ଅତିଥି । ସେମାନଙ୍କୁ ହଇରାଣ କରିବନାହିଁ କି ଅପମାନ ଦେବନି ।" ତେଣୁ ସିପାହୀ ମାନେ ସେମାନଙ୍କୁ ଅତି ମାନ୍ୟ ସହକାରେ ଦରବାରକୁ ଆଗେଇନେଲେ ।

ବିଦେଶୀମାନେ ଦରବାରରେ ପହଞ୍ଚିବାକ୍ଷଣି ରାଜା ଯାଦବ ରାଣା ସେମାନଙ୍କ ପରିଚୟ କ'ଣ ଓ ସେମାନେ କାହିଁକି ଗୁଜରାଟକୁ ଆସିଚନ୍ତି ବୋଲି ପଚାରିଲେ ।

ହାତରେ ଅଗ୍ନି ଧରିଥିବା ପୁରୋହିତ ବୁଢ଼ା କହିଲେ – "ମହାରାଜ, ଆମେସବୁ ପାର୍ସୀ । ଶତ୍ରୁ ଆମ ରାଜ୍ୟ ଆକ୍ରମଣ କଲା । ଆମ ଉପରେ ଓ ଆମ ଧର୍ମ ଉପରେ ଅତ୍ୟାଚାର ହେବାରୁ ଆମେ ନିଜ ଦେଶ ଛାଡ଼ି ଚାଲିଆସିଛୁ ।"

ରାଜା ପଚାରିଲେ – "କିନ୍ତୁ ଏତେ ଦୂରଦେଶରୁ ଆସି ମୋ ରାଜ୍ୟରେ ପଶିବାର କାରଣ କ'ଣ ? ଆପଣମାନେ କ'ଣ ଚାହାନ୍ତି ।"

ବୁଢ଼ା କହିଲେ – "ମହାରାଜ ! ଆମେ ଏଠି ରହିବାକୁ ଚାହୁଁ । ଆମେ ଶରଣାର୍ଥୀ ।"

ରାଜା କହିଲେ – "ହେଲା, ଆପଣ ଏଠି ନିରାପଦରେ ରହିବେ । ତା'ପରେ ?"

Digitized by srujanika@gmail.com

ବୁଢ଼ା କହିଲେ – "ଆମେ ଏଠି ଆମ ଠାକୁର ଅଗ୍ନିଙ୍କୁ ବିନା ବାଧାରେ ପୂଜା କରିବାର ସୁବିଧା ଚାହୁଁ ।"

ରାଜା କହିଲେ – "ଠିକ୍ ଅଛି – ସେ ସୁବିଧା ଦିଆଗଲା । ଆଉ କ'ଣ ଚାହଁ ?"

ବୁଢ଼ା କହିଲେ – "ଆମେ ଆମର ପିଲାଛୁଆଙ୍କୁ ଆମ ଧର୍ମ ଓ ବିଚାର ଅନୁସାରେ ବଢ଼ାଇ ମଣିଷ କରିବାକୁ ଚାହୁଁ ।"

ରାଜା କହିଲେ – "ତା' ଠିକ୍ । ଆପଣଙ୍କ ଧର୍ମ ଉପରେ ଆମ ଲୋକମାନେ ହାତ ଦେବେନାହିଁ । ଆଉ କ'ଣ ଚାହଁ ?"

ବୁଢ଼ା କହିଲେ – "ଆମେ କିଛି ଚାଷଜମି ମାଗୁଛୁ । ସେଥିରେ ଚାଷବାସ କରିବୁ । ଆମେ ଖଟିବୁ ଓ ଖାଇବୁ । ଆମେ କାହାରି ଉପରେ ବୋଝ ହେବାକୁ ଚାହୁଁନା ।"

Digitized by srujanika@gmail.com

ରାଜା କହିଲେ – "ତା' ଦିଆଯିବ । ଆଉ କ'ଣ ଚାହଁ ?"

ବୁଢ଼ା କହିଲେ – "ନା ମହାରାଜ ! ଆମର ଆଉ କିଛି ଲୋଡ଼ା ନାହିଁ । ଆପଣଙ୍କୁ ଶତଶତ ଧନ୍ୟବାଦ । ଆମେ ସମସ୍ତେ ଆପଣଙ୍କ ମଣିଷପଣିଆର ଜୟଗାନ କରିବୁ । ଆପଣ ଆମକୁ ଶରଣଦେଇ ହିନ୍ଦୁ ଜାତିର ଗୌରବ ବଢ଼ାଇଛନ୍ତି ।"

ରାଜା କହିଲେ – "କିନ୍ତୁ ତୁମେ ଆମ ରାଜ୍ୟର କି ଉପକାର କରିବ ?"

ବୁଢ଼ା କହିଲେ – "ମହାରାଜ ! ଆମେ ଯାହା କରିପାରିବୁ ଆପଣଙ୍କ ଉଦାରତା ତୁଳନାରେ ତା' ଅତି ତୁଚ୍ଛ । ତେବେ ଆମେ ରାଜ୍ୟର ଉନ୍ନତିଲାଗି ଆପଣଙ୍କ ଆଦେଶ ଅନୁସାରେ ଖଟିବୁ ଓ ଜୀବନ ଦେବୁ ।"

ଏହା ଶୁଣି ରାଜା ଖୁସିହେଲେ । ନିଜ ଦେଶରୁ ବିତାଡ଼ିତ ହୋଇ ଆସିଥିବା ପାର୍ସୀମାନେ ସେଇଦିନଠାରୁ ଭାରତରେ ଆନନ୍ଦରେ ବସବାସ କରିଆସୁଛନ୍ତି ।

ହଜାରେ ପଦ୍ମଫୁଲ

ମରହଟ୍ଟା ବୀର ଛତ୍ରପତି ଶିବାଜୀ ରାୟଗଡ଼ଠାରେ ତାଙ୍କର ନୂଆ ରାଜଧାନୀ ବସାଇଲେ । ସେଠି ଅନେକ ନୂଆ ନୂଆ କୋଠା ତିଆରି ହେଲା । ରାଜାଙ୍କ ଲାଗି ଏକ ସୁନ୍ଦର ଉଆସ ତିଆରିହେଲା । ଠାକୁର ଜଗଦୀଶ୍ୱରଙ୍କ ପାଇଁ ଦେଉଳ ତୋଳାହେଲା । ତା' ସହିତ ଖୋଳାହେଲା ଗୋଟିଏ ବହୁତ ବଡ଼ ପୋଖରୀ । ଏହାର ନାମ ରହିଲା କୁଶାବର୍ତ୍ତ ।

ଅଳ୍ପ ଦିନ ଭିତରେ କୁଶାବର୍ତ୍ତର ନାଁ ଚାରିଆଡ଼େ ବ୍ୟାପିଗଲା । ସେଥିରେ ହଜାର ହଜାର ସଂଖ୍ୟାରେ ପଦ୍ମଫୁଲ ଫୁଟିଉଠିଲା । ତାର ସୌନ୍ଦର୍ଯ୍ୟ ଯିଏ ଦେଖିଲା ସିଏ ଭୁଲିପାରିଲାନାହିଁ ।

ପୁଅ ରାଜା ହେବାରୁ ମା' ଜୀଜାବାଈ ସବୁଠୁ ବେଶୀ ଖୁସିହୋଇଥିଲେ । ଦିନେ ସଞ୍ଜବେଳେ ସେ ଶିବାଜୀଙ୍କ ସହିତ କୁଶାବର୍ତ୍ତ କୂଳରେ

Digitized by srujanika@gmail.com

ଠିଆହୋଇଥିଲେ । ପୋଖରୀରେ ଅସଂଖ୍ୟ ଲାଲ୍ ଓ ଧଳା ରଙ୍ଗର ପଦ୍ମଫୁଲ ଫୁଟିଥାଏ । ତାହା ଦେଖି ମା'ଙ୍କ ମନରେ ଆନନ୍ଦ ଖେଳିଗଲା ।

ଜୀଜାବାଈ କହିଲେ – ''ବିଷ୍ଣୁ ଚତୁର୍ଦ୍ଦଶୀ ପାଖେଇ ଆସିଲାଣି ନା !''

ଶିବାଜୀ କହିଲେ – ''ହଁ. . . ମୁଁ ଶୁଣିଚି ସେଦିନ କାଳେ ବିଷ୍ଣୁ ଶିବଙ୍କ ମୁଣ୍ଡରେ ଏକ ହଜାର ପଦ୍ମ ଚଢ଼ାଇ ପୂଜାକରିଥିଲେ । ହେଲେ ହଜାରକରୁ ଗୋଟିଏ ଫୁଲ କମିଗଲା । ଗୋଟିଏ ପଦ୍ମ ଯୋଗାଡ଼ ହୋଇପାରିଲାନି ବୋଲି ବିଷ୍ଣୁ ନିଜ ଆଖି ଖୋଲି ଶିବଙ୍କୁ ଉପହାର ଦେଇଥିଲେ । ବିଷ୍ଣୁଭକ୍ତମାନେ ସେଇଦିନରୁ ବିଷ୍ଣୁ ଚତୁର୍ଦ୍ଦଶୀ ମାନିଆସୁଛନ୍ତି ।''

Digitized by srujanika@gmail.com

ଜୀଜାବାଇ କହିଲେ – "ବିଷ୍ଣୁ ଚତୁର୍ଦ୍ଦଶୀ ଦିନ ମୁଁ ଏକ ହଜାର ଧଳା ପଦ୍ମ ଫୁଲ ଚଢ଼ାଇ ଜଗଦୀଶ୍ୱର ଶିବଙ୍କର ପୂଜା କରିବାକୁ ମନକରିଛି । ତୁ ମୋର ଇଚ୍ଛା ପୂରଣ କରିପାରିବୁ ?"

ହଜାରେ ପଦ୍ମଫୁଲ ଯୋଗାଡ଼ କରିଦେବା ଶିବାଜୀଙ୍କ ପକ୍ଷରେ ଅତି ସାମାନ୍ୟ କଥା ଥିଲା । ଶିବାଜୀ ସଙ୍ଗେ ସଙ୍ଗେ ରାଜିହୋଇଗଲେ ।

ଜୀଜାବାଇ କହିଲେ – "କଥାଟା କିନ୍ତୁ ଏତେ ସହଜ ନୁହଁ ପୁଅ । ଫୁଲଗୁଡ଼ିକ ସଜ ଥିବ, ସେସବୁକୁ ଅନ୍ୟ କୌଣସି ଲୋକ ଛୁଇଁନଥିବ ।"

ମା'ଙ୍କ କଥା ଶୁଣି ଶିବାଜୀ ଚିନ୍ତାରେ ପଡ଼ିଲେ । ଆଗରେ ପୋଖରୀ । ସେଥିରେ ହଜାର ହଜାର ସଂଖ୍ୟାରେ ଧଳା ପଦ୍ମ ଫୁଟିଚି । କିନ୍ତୁ ସେସବୁ ତ ମା' ନିଜେ ତୋଳି ପାରିବେନାହିଁ । ଅନ୍ୟ କେହି ଛୁଇଁ ତୋଳିଆଣିଲେ ବି ହେବନାହିଁ । ଫୁଲ ବି ସଜ ଥିବା ଦରକାର ।

ଶିବାଜୀ କଥାଟାକୁ ତାଙ୍କ ଦରବାରରେ ପକାଇଲେ । ମନ୍ତ୍ରୀ, ସେନାପତି, ପୁରୋହିତ କେହି କିନ୍ତୁ କିଛି ଉପାୟ ବତାଇପାରିଲେନାହିଁ । ମୁହଁ ତଳକୁ କରି ଚିନ୍ତାରେ ବସିଲେ । ଶେଷରେ ଜଣେ ଯୁବକ ଠିଆହୋଇ ହାତ ଯୋଡ଼ି କହିଲା – "ମହାରାଜ ! ଏଇ କାମଟି ମୁଁ କରିପାରିବି । ଆପଣ ଦେଖିବେ, କୌଣସିଟିକୁ ନ ଛୁଇଁ ଏକ ହଜାର ପଦ୍ମ ଫୁଲ ମୁଁ ତୋଳି ଆଣିଦେବି ।"

ସେଇ ଯୁବକର ନାମ ଥିଲା ବିକ୍ରମ । ସେ ଥିଲା ମହାରାଜା ଶିବାଜୀଙ୍କ ଦେହରକ୍ଷୀ । ତାର କଥା ଶୁଣି ଶିବାଜୀ କହିଲେ – "ତୁମେ ଯାହା କହୁଚ ତା' କେତେ କଷ୍ଟକର କାମ ଜାଣିଚ ତ ? ଯଦି ଠିକ୍‌ଭାବେ କାମଟି ହୋଇ ପାରିବ ତେବେ ସେଥିପାଇଁ ତୁମେ ଦଣ୍ଡ ପାଇବ ।"

ବିକ୍ରମ ଟିକିଏ ବି ବିଚଳିତ ନ ହୋଇ କହିଲା – "ମହାରାଜାଙ୍କ କଥା ମୋର ମନେରହିବ ।"

ପରଦିନ ସୂର୍ଯ୍ୟୋଦୟ ପରେ ପରେ କୁଶାବର୍ତ୍ତର ଚାରିପଟେ ହଜାର ହଜାର ଲୋକ ରୁଣ୍ଡହୋଇଗଲେ । ମହାରାଜା ଶିବାଜୀ ତାଙ୍କ ମା'ଙ୍କ ସହିତ

Digitized by srujanika@gmail.com

ଆସି ପହଞ୍ଚିଲେ । ବିକ୍ରମ କେମିତି ଫୁଲ ତୋଳିବ ଦେଖିବାପାଇଁ ସେପରି ଗହଳି ହୋଇଥାଏ ।

ବିକ୍ରମ ହାତରେ ଧନୁ ଓ ଏକହଜାର ଗୋଟି ତୀର ଧରି ଆସି ପହଞ୍ଚିଗଲା ଠିକ୍ ସମୟରେ । ରାଜାଙ୍କୁ ଅଭିବାଦନ ଜଣାଇ ସେ ଲାଗିଗଲା

ଫୁଲ ତୋଳିବା କାମରେ । ପ୍ରଥମେ ସେ କୂଳରୁ ଫୁଲଗୁଡ଼ିକର ଦୂରତା ମନେ ମନେ କଳନା କରିନେଲା । ତା'ପରେ ସେ ତା'ର ଧନୁରେ ଯୋଖିଲା ଗୋଟିଏ ଫୁଲକୁ ଗୋଟିଏ କରି ତୀର ।

Digitized by srujanika@gmail.com

ତୀର ଯାଇ ପଦ୍ମନାଡ଼ରେ ବାଜୁଥାଏ । ନାଡ଼ଟି କଟିଯିବାରୁ ଫୁଲ ଖସିପଡୁଥାଏ ପାଣି ଉପରେ । ବିକ୍ରମର ଏ କୌଶଳ ଦେଖି ଶିବାଜୀ ନିଜେ ଆଚମ୍ବିତ ହୋଇଗଲେ ।

ଏକହଜାରଟି ତୀର ମାରି ବିକ୍ରମ ଠିକ୍ ଏକହଜାରଟି ଫୁଲ କାଟିଲା । ଗୋଟିଏ ତୀର ମଧ୍ୟ ଏପଟ ସେପଟ ହେଲାନି । ତା'ପରେ ସେ ଗୋଟିଏ ଡଙ୍ଗାରେ ଚଢ଼ି ପୋଖରୀ ଭିତରକୁ ଗଲା ଏବଂ ଗୋଟିଏ ଲମ୍ବା ଚିମୁଟା ସାହାଯ୍ୟରେ ଫୁଲଗୁଡ଼ିକ ଉଠାଇଆଣି ଡଙ୍ଗାରେ ଥିବା ଟାଙ୍ଗୁଡ଼ିରେ ରଖିଲା । କୂଳରେ ଡଙ୍ଗା ଲାଗିଲାପରେ ଜୀଜାବାଈ ନିଜେ ଫୁଲ ଟାଙ୍ଗୁଡ଼ିଗୁଡ଼ିକୁ ଡଙ୍ଗାରୁ ଓହ୍ଲାଇନେଲେ । ବିକ୍ରମର ବୁଦ୍ଧି ଓ ତୀର ମାରିବା କୌଶଳ ଦେଖି ଲୋକମାନେ ଆଚମ୍ବିତ ହେଲେ । ସମସ୍ତେ ତାଙ୍କର ଜୟଧ୍ୱନି କଲେ । ଜୀଜାବାଈ ଓ ଶିବାଜୀ ମଧ୍ୟ ବିକ୍ରମକୁ ବହୁତ ପ୍ରଶଂସା କଲେ ଓ ଅନେକ ପୁରସ୍କାର ଦେଲେ ।

ଦେବୀ ଚାମୁଣ୍ଡା ଦହି ବିକିଲେ

ପାଖାପାଖି ହୋଇ ଦୁଇଟି ଛୋଟ ରାଇଜ । ଗୋଟିକର ନାଁ ବିରୁଳି, ଅନ୍ୟଟିର ନାଁ ଖଲ୍ଲିକୋଟ । ପ୍ରତି ରାଇଜରେ ଅଲଗା ଅଲଗା ରଜା ଶାସନ କରୁଥାନ୍ତି ।

ବହୁତ ଦିନ ତଳର କଥା । ସେତେବେଳେ ବିରୁଳି ରାଜ୍ୟରେ ଜଣେ ଭଲ ରଜା ଶାସନ କରୁଥିଲେ । ଲୋକଙ୍କ ଭଲ ମନ୍ଦ ସେ ନିଜେ ଯାଇ ବୁଝୁଥିଲେ । ଯେଉଁ ଚାଷୀର ବିହନ ଅଭାବ ପଡ଼େ ତାକୁ ସେ ବିହନ ଯୋଗାଇ ଦେଉଥିଲେ । ମାଛୁଆମାନଙ୍କୁ ଦରକାର ବେଳେ ଜାଲ ଓ ନୌକା ତିଆରି ପାଇଁ ସାହାଯ୍ୟ କରୁଥିଲେ । ଲୋକଙ୍କ ଉପକାରରେ ଆସିବାଭଳି ବହୁତ ଗଛ ନିଜ ଗଡ଼ରେ ଲଗାଇଥିଲେ । ରାଜ୍ୟରେ ଲୋକେ ଯେମିତି ନିରାପଦରେ ରହିବେ ସେଥିପାଇଁ ବଳୁଆ ଓ ସାହସୀ ଲୋକଙ୍କୁ ବାଛି ପହରା ଦେବାର ବ୍ୟବସ୍ଥା କରିଥିଲେ । ରଜା ଭଲଥିବାରୁ ଲୋକମାନେ

Digitized by srujanika@gmail.com

ବି ଉତ୍ସାହର ସହିତ କାମ କରୁଥିଲେ । ଅଳସୁଆ ହୋଇ ବସିବାକୁ କେହି ପସନ୍ଦ କରୁନଥିଲେ । ରାଜ୍ୟରେ ଶାନ୍ତି ଥିଲା ।

ବିରୁଳିଗଡ଼ ଭିତରେ ପୂଜାପାଉଥିଲେ ଦେବୀ ଚାମୁଣ୍ଡା । ରାଜା ତାଙ୍କର ପରମ ଭକ୍ତ ଥିଲେ । ଦେବୀଙ୍କୁ ପୂଜା ନ ଦେଇ ସେ କୌଣସି କାମ ଆରମ୍ଭ କରୁନଥିଲେ । ଚାମୁଣ୍ଡା ମଧ୍ୟ ରାଜାଙ୍କ ଭକ୍ତିରେ ସନ୍ତୁଷ୍ଟ ଥିଲେ । ତାଙ୍କ କୃପାରୁ ରାଜ୍ୟ ଭିତରକୁ ଶତ୍ରୁ ପଶିପାରୁନଥିଲେ ।

ସେଇ ସମୟରେ ଖଲ୍ଲିକୋଟରେ ଯେଉଁ ରଜାଜଣକ ଥିଲେ ତାଙ୍କ ସ୍ୱଭାବ ଭଲନଥିଲା । ସେ ବଡ଼ ବିଳାସୀ ଲୋକ ଥିଲେ । ବିଳାସ କଲେ ଧନ କୁଆଡୁ ଅଣ୍ଟିବ ? ତେଣୁ ସେ ପ୍ରଜାଙ୍କ ଉପରେ ଅଧିକ କର ବସାଇଥିଲେ । ତେଣୁ ପ୍ରଜାମାନେ ଦୁଃଖରେ ଥିଲେ । ଖଲ୍ଲିକୋଟ ରାଜ୍ୟ ଉନ୍ନତି କରିପାରୁନଥିଲା ।

ଖାଲି ସେତିକି ନୁହେଁ – ପର ରାଜ୍ୟ ଓ ପରଧନ ଉପରେ ଖଲ୍ଲିକୋଟ ରାଜାଙ୍କର ସବୁବେଳେ ଆଖି ଥିଲା । ବିଶେଷକରି ବିରୁଳି ରାଜ୍ୟକୁ ସେ ଆଦୌ ସହିପାରୁନଥିଲେ । ବିରୁଳି ରାଜ୍ୟ ଆକ୍ରମଣ କରି ସେ ରାଇଜରୁ ଧନ ସଂପଦ ବୋହି ଆଣିବାକୁ ସବୁବେଳେ ମନେ ମନେ ଭାବନା କରୁଥିଲେ । ଗୋପନରେ ସେଥିପାଇଁ ସଜବାଜ ମଧ୍ୟ ହେଉଥିଲେ ।

ଦିନେ ରାତିରେ – ସେତେବେଳକୁ ବିରୁଳିଗଡ଼ର ଫାଟକ ବନ୍ଦହୋଇ ସାରିଥାଏ । ଏଇ ସମୟରେ ଖଲ୍ଲିକୋଟର ସୈନ୍ୟମାନେ ଚାଲିଲେ ବିରୁଳିଗଡ଼କୁ ଘେରାଉ କରିବାପାଇଁ । ଖଲ୍ଲିକୋଟର ସୈନ୍ୟମାନେ ଶହ ଶହ ସଂଖ୍ୟାରେ ହାତରେ ମଶାଲ ଧରି ଚାଲିଥାନ୍ତି । ରାତି ଭିତରେ ଗଡ଼କୁ ଘେରାଉ କରିଦେଲେ ବିରୁଳି ହାରିଯିବ । ବାଧ୍ୟହୋଇ ବିରୁଳି ରାଜା ଟଙ୍କା ସୁନା ଦେଇ ସନ୍ଧି କରିବେ । ଖଲ୍ଲିକୋଟ ରାଜାଙ୍କ ମୁଣ୍ଡରେ ଏଇ ଭାବନା କାମ କରୁଥାଏ ।

ବିରୁଳି ଉପରକୁ ଯେ ବିପଦ ମାଡ଼ିଆସୁଚି ଏ କଥା ରାଜା ଜାଣିନଥାନ୍ତି । ପ୍ରଜାଙ୍କର ମଧ୍ୟ ସେ ଚିନ୍ତା ନଥାଏ । ତେଣୁ ସମସ୍ତେ ଶାନ୍ତିରେ ଗାଢ଼ ନିଦରେ ଶୋଇଥା'ନ୍ତି ।

Digitized by srujanika@gmail.com

ଖଲ୍ଲିକୋଟ ସୈନ୍ୟଙ୍କର ଗୋପନ ଅଭିଯାନ କଥା କିନ୍ତୁ ଗଡ଼ଦେବୀ ଚାମୁଣ୍ଡାଙ୍କୁ ଅଛପା ରହିଲାନାହିଁ । ତାଙ୍କ ମନ ଦୁଃଖ ହେଲା । ସେ ଭାବିଲେ – ରାଜା ତ ନିଶ୍ଚିନ୍ତରେ ଶୋଇଚି, ଜାଣିପାରୁନାହିଁ ଶତ୍ରୁ ଆସିବା କଥା । ଏଇ ସମୟରେ ମୁଁ ତାକୁ ସାହାଯ୍ୟ ନ କଲେ ବିରୁଳି ନିଶ୍ଚୟ ଯୁଦ୍ଧରେ ହାରିଯିବ ।''

ସେତେବେଳକୁ ଖଲ୍ଲିକୋଟର ସୈନ୍ୟମାନେ ଗଡ଼ର ପାଖାପାଖି ହୋଇଗଲେଣି । ଦେରିନକରି ଦେବୀ ଚାମୁଣ୍ଡା ଏକ ଗଉଡୁଣୀର ରୂପ ଧରିଲେ । ମୁଣ୍ଡରେ ଦହି ପସରା ଧରି ଚାଲିଲେ ଖଲ୍ଲିକୋଟର ସୈନ୍ୟମାନଙ୍କ ପାଖକୁ ।

Digitized by srujanika@gmail.com

ବହୁତ ବାଟ ଚାଲି ଚାଲି ଆସିଥିବାରୁ ଖଲ୍ଲିକୋଟର ସୈନ୍ୟମାନେ ହାଲିଆ ହୋଇପଡ଼ିଥା'ନ୍ତି । ସେମାନଙ୍କୁ ଭାରି ଶୋଷ ଲାଗୁଥାଏ । ସେତିକିବେଳେ ସେମାନଙ୍କ କାନରେ ପଡ଼ିଲା– "ଦହି ନବ ଦହି" ଡାକ ।

ଗଭୀର ରାତିରେ କ'ଣ କେଉଁ ସ୍ତ୍ରୀଲୋକ ଦହି ବିକି ବାହାରେ ? କିନ୍ତୁ ସେଭଳି ପ୍ରଶ୍ନ ଖଲ୍ଲିକୋଟର ସୈନ୍ୟଙ୍କ ଚିନ୍ତାକୁ ଆସିଲା ନାହିଁ । ଶୋଷ ତ ପ୍ରବଳ – ତେଣୁ ସେମାନେ ଗଉଡୁଣୀକୁ ଅଟକାଇ ଦହି ପିଇଲେ । ଗଉଡୁଣୀ ପାଖରେ ଗୋଟିଏ ବୋଲି ଦହି ହାଣ୍ଡି । କିନ୍ତୁ ସେଇ ଗୋଟିକ ହାଣ୍ଡିରୁ ହଜାର ହଜାର ସୈନ୍ୟ ଦହି ପିଇଲେ – ତଥାପି ହାଣ୍ଡିରେ ଦହି ଥାଏ ।

ସୈନ୍ୟମାନେ ଦହି ପିଇ ସନ୍ତୁଷ୍ଟ ହେବାପରେ ଗଉଡୁଣୀ ତା' ନିଜ ବାଟରେ ଚାଲିଗଲା । ଅନ୍ଧାର ତ ହୋଇଥାଏ – ସେ କୁଆଡ଼େ ଗଲା କେହି ଜାଣିଲେନାହିଁ ।

କିନ୍ତୁ ଦହି ଖାଇବାପରେ ଖଲ୍ଲିକୋଟର ସୈନ୍ୟଙ୍କୁ ପ୍ରବଳ ନିଶା ଘାରିଲା । ବିରୁଳିଗଡ଼ ଆକ୍ରମଣ କରିବା କଥା ଭୁଲି ସେମାନେ ଯିଏ ଯେଉଁଠି ପାରିଲେ ଶୋଇପଡ଼ିଲେ । ଚାହୁଁ ଚାହୁଁ ନିଦ ଗାଢ଼ହୋଇଗଲା । ଉଠିଲାବେଳକୁ ସକାଳ । ଆଉ ଗଡ଼ ଘେରାଉ କରିବେ କ'ଣ – ଖଲ୍ଲିକୋଟକୁ ଫେରିଗଲେ । ଚାମୁଣ୍ଡାଙ୍କ ଦୟାରୁ ବିରୁଳିଗଡ଼ ସେଦିନ ମହା ବିପଦରୁ ରକ୍ଷାପାଇଗଲା ।

ସେଇଦିନରୁ ଲୋକେ ଦେବୀଙ୍କୁ 'ଦହିଖାଇ ଚାମୁଣ୍ଡା' ନାଁରେ ଡାକିଆସୁଛନ୍ତି ।

ମାଳତିଗଡ଼ର କାହାଣୀ

ବହୁତ ଦିନ ତଳର କଥା । ଆମ ଓଡ଼ିଶା ଭିତରେ ଗୋଟିଏ ଛୋଟିଆ ରାଇଜ ଥାଏ । ସେଠି କେଶରୀ ବଂଶର ରାଜାମାନେ ରାଜୁତି କରୁଥାନ୍ତି । କେଶରୀମାନେ ଥିଲେ ବୀର । ସେମାନେ ପାହାଡ଼ିଆ ସ୍ଥାନରେ ଗୋଟିଏ

Digitized by srujanika@gmail.com

ମଜବୁତ୍ ଗଡ଼ କରି ରହିଥିଲେ । ତାରି ନାଁ ମାଳତିଗଡ଼ ।

ଗୋଟିଏ ସମୟର କଥା । ସେତେବେଳେ ମାଳତିଗଡ଼ରେ ଜଣେ ବୀର ଓ ସାହସୀ ରାଜା ଶାସନ କରୁଥାନ୍ତି । ତାଙ୍କୁ ଆଖପାଖର ରାଜାମାନେ ଡରୁଥାନ୍ତି । ରାଜ୍ୟର ପ୍ରଜାମାନେ ସୁଖଶାନ୍ତିରେ ଥା'ନ୍ତି ।

ମାଳତିଗଡ଼ର ରାଜାଙ୍କ ଉଆସ ଆଗରେ ଗୋଟିଏ ଉଞ୍ଚା ପଥର ଖମ୍ବ ଥାଏ । ତା' ଉପରେ ଥୁଆହୋଇଥାଏ ଗୋଟିଏ ଅତି ବଡ଼ ଆକାରର ଦୀପ । ତହିଁରେ ମହଣେ ତେଲ ଧରେ । ଦୀପଟି କି ଦିନ କି ରାତି ସବୁବେଳେ ଜଳୁଥାଏ । ତାପାଇଁ ଜଗୁଆଳି ଥାନ୍ତି ।

ଦୀପଖମ୍ବଟି ଉଞ୍ଚା ଥିବାରୁ ବହୁତ ଦୂରକୁ ଦୀପ ଦିଶୁଥିଲା । ସବୁଠୁ ମଜାକଥା ହେଉଚି – ସେଇ ଦୀପରେ ଥିଲା ରାଜାଙ୍କ ଜୀବନ । ଦୀପ

Digitized by srujanika@gmail.com

ଜଳୁଥିବା ପର୍ଯ୍ୟନ୍ତ ରାଜାଙ୍କୁ କେହି ମାରିପାରିବେ ନାହିଁ ବୋଲି ସମସ୍ତେ ଜାଣିଥିଲେ । ତେଣୁ ଦୂରରୁ ଦୀପ ଦେଖି ରାଜା ବଞ୍ଚିଛନ୍ତି ବୋଲି ପ୍ରଜାମାନେ ଜାଣିପାରୁଥିଲେ ।

ମାଳତିଗଡ଼କୁ ଲାଗି ଥିଲା ଘୁମୁସର ରାଇଜ । ଥରେ ଘୁମୁସର ମାଳତିଗଡ଼ ଉପରେ ଆକ୍ରମଣ କଲା । ରେରେକାର କରି ଘୁମୁସର ସୈନ୍ୟମାନେ ମାଳତିଗଡ଼ ଆଡ଼କୁ ମାଡ଼ିଆସିଲେ । ଶତ୍ରୁ ଆକ୍ରମଣର ସମ୍ବାଦ ପାଇବାମାତ୍ରେ ମାଳତିଗଡ଼ର ରାଜା ସୈନ୍ୟସାମନ୍ତଙ୍କୁ ନେଇ ନିଜେ ଯୁଦ୍ଧ କରିବାକୁ ବାହାରିପଡ଼ିଲେ । ଯୁଦ୍ଧକୁ ଗଲାବେଳେ ରାଣୀମାନଙ୍କୁ କହିଲେ – "ଭୟ କରିବ ନାହିଁ । ଦୀପ ଜଳୁଥିବା ପର୍ଯ୍ୟନ୍ତ ମୁଁ ବଞ୍ଚିଛି ବୋଲି ଜାଣିବ ।"

ଯୁଦ୍ଧ ଲାଗିଲା । ଘୋର ଯୁଦ୍ଧ । ଘୁମୁସର ସୈନ୍ୟମାନେ ବହୁ ସଂଖ୍ୟାରେ ହାଣଖାଉଥାନ୍ତି । ଘୁମୁସର ରାଜାଙ୍କୁ ସେଇ ସମୟରେ ଜଣେ ଗୁପ୍ତଚର ଗୋପନରେ ଖବର ଦେଲା – "ମହାରାଜ ! ଦୀପରେ ମାଳତିଗଡ଼ ରାଜାର ଜୀବନ ଅଛି । କୌଶଳ କରି ଦୀପଟା ଲିଭାଇ ଦିଅନ୍ତୁ, ସେ ମରିବ ।"

ଘୁମୁସର ରାଜା ଡେରି ନ କରି ଦୁଇଜଣ ଗୁପ୍ତଚରଙ୍କୁ ପଠେଇଲେ । ସେମାନେ ଲୁଚି ଲୁଚି ଦୀପ ପାଖକୁ ଗଲେ । ମାଳତିଗଡ଼ର ଲୋକେ ତାଙ୍କୁ ଶତ୍ରୁପଟର ବୋଲି ଚିହ୍ନିପାରିଲେ ନାହିଁ । ସେମାନେ ଦୀପଖମ୍ବ ନିକଟରେ ପହଞ୍ଚି ଜଗୁଆଳକୁ କହିଲେ – "ଦୀପରେ ତେଲ କେତେ ଅଛି ଆମେ ପରୀକ୍ଷା କରିବୁ । ଆମକୁ ରାଣୀ ପଠାଇଲେ ।"

ଜଗୁଆଳ ରାଜି ହେବାରୁ ସେମାନେ ଖମ୍ବ ଉପରକୁ ଚଢ଼ି ଦୀପଟା ଓଲଟାଇ ଦେବାକୁ ଚେଷ୍ଟା କଲେ । କିନ୍ତୁ ଦୀପଟା ବହୁତ ବଡ଼ ଓ ବହୁତ ଓଜନ ଥିଲା । ତାକୁ ସେମାନେ ପୂରା ଓଲଟାଇ ପାରିଲେନାହିଁ । ଦୀପଟି ଏକପାଖିଆ କଡ଼େଇହୋଇ ରହିଗଲା । ଧୀରେ ଧୀରେ ଦୀପର ତେଜ କମିଆସିଲା । ତେଣୁ ଯୁଦ୍ଧ ପଡ଼ିଆରେ ଥିବା ସୈନିକମାନେ ଓ ଉଆସର ରାଣୀମାନେ ଆଉ ଦୀପ ଶିଖା ଦେଖିପାରିଲେନାହିଁ ।

Digitized by srujanika@gmail.com

ସୈନିକମାନେ ଦୀପ ନଦେଖି ଭାବିଲେ – ଆମ ରାଜା ତ ମଲେଣି ଆଉ ଯୁଦ୍ଧ କରି କି ଲାଭ ! ତେଣୁ ସେମାନେ ଯୁଦ୍ଧକ୍ଷେତ୍ରରୁ ପଳେଇବାକୁ ଲାଗିଲେ । ସେମାନଙ୍କୁ ପଳେଇବା ଦେଖି ରାଜା ପଛରୁ ଡାକୁଥାନ୍ତି – ''ମୁଁ



ମରିନି, ମୁଁ ମରିନି – ଯୁଦ୍ଧ କରୁଚି ।'' କିନ୍ତୁ ତାଙ୍କ କଥା ସୈନିକଙ୍କ କାନରେ ପଡ଼ିଲାନାହିଁ । ରାଜା ଯୁଦ୍ଧଭୂମିରେ ଏକୁଟିଆ ହୋଇଗଲେ ।

ଏଣେ ଉଆସର ରାଣୀମାନଙ୍କୁ ଦୀପ ଦେଖାନଯିବାରୁ ସେମାନେ ମଧ୍ୟ ସ୍ୱାମୀ ମରିଗଲେଣି ବୋଲି ଭାବିନେଲେ । ମନ୍ତ୍ରୀମାନେ ମଧ୍ୟ ସେଇଆ

Digitized by srujanika@gmail.com

ଭାବିଲେ । ଶତ୍ରୁଙ୍କ ହାତରେ ନପଡ଼ିବାପାଇଁ ରାଣୀମାନେ ଜହର ଖାଇ ମଲେ, ମନ୍ତ୍ରୀମାନେ ଗଡ଼ ଛାଡ଼ି ପଳେଇଗଲେ ।

ଦୀପ ଜଳୁଥାଇକରି ରହିବାରୁ ତେଲସବୁ ଧୀରେ ଧୀରେ ତଳକୁ ଗଡ଼ିଗଲା, ଶେଷରେ ଲିଭିଗଲା । ଦୀପ ଲିଭିଯିବା ମାତ୍ରେ ରାଜା ମଧ୍ୟ ଆପେ ଆପେ ଟଳିପଡ଼ିଲେ । ଘୁମୁସର ରାଜା ମାଳତିଗଡ଼ ଅଧିକାର କଲେ ।

ଏବେ ମଧ୍ୟ ଗଞ୍ଜାମ ଜିଲ୍ଲାର ମୁନିଗାଡ଼ି ଗାଁ ପାଖରେ ଏଇ ମାଳତିଗଡ଼ର ଚିହ୍ନ ଅଛି । ପାଖରେ ଗୋଟିଏ ପାହାଡ଼ ଅଛି । ସେଥିରେ ଗୋଟିଏ ଗୁମ୍ଫାକୁ ଲୋକେ ରାଣୀ ଗୁମ୍ଫା କହନ୍ତି । ସେଇ ସ୍ଥାନରେ ଗୋଟିଏ ଖମ୍ବ ପରି ପଥର ଅଛି ଓ ତା' ଉପରେ ଓଲଟା ଦୀପ ଭଳି ଆଉ ଖଣ୍ଡିଏ ପଥର ରହିଛି । ଲୋକେ ତାକୁ ହିଁ ମାଳତି ଗଡ଼ର ଓଲଟା ଦୀପ କହନ୍ତି ।

ରାଣୀ ଯେ ରାଣୀ ପଦ୍ମାବତୀ ରାଣୀ !

କୋଶଳ ନାମରେ ଗୋଟିଏ ରାଇଜ ଥାଏ । ଶହ ଶହ ବର୍ଷ ତଳେ ସେଠି ଜଣେ ଅତି ଦୟାଳୁ ରାଜା ଶାସନ କରୁଥିଲେ । ସେ ପ୍ରଜାମାନଙ୍କୁ କର ଛାଡ଼କରିଦେଇଥିଲେ । ଟଙ୍କା-ସୁନା ପ୍ରତି ତାଙ୍କର ଟିକିଏ ବି ଲୋଭ ନ ଥିଲା । ପ୍ରଜାଙ୍କଠାରୁ କର ଆଦାୟ କରି ନିଜେ ସୁଖରେ ରହିବାକୁ ସେ ପାପ ବୋଲି ମନେକରୁଥିଲେ ।

ରାଜା ହେଲେ ମଧ୍ୟ ସେ ବସିରହୁନଥିଲେ । ନିଜେ ବଣରୁ ବାଉଁଶ, ବେତ କାଟିଆଣି ସେଥିରେ କୁଲା, ପାଛିଆ ଇତ୍ୟାଦି ନାନାଜିନିଷ ତିଆରି କରୁଥିଲେ । ତାକୁ ବିକି ଯେତିକି ପାଉଥିଲେ ସେଥିଲେ ଚଳୁଥିଲେ ।

ଖାଲି ଏତିକି ନୁହେଁ, ସେ ରାଜା ଜଣେ ସିଦ୍ଧ-ପୁରୁଷ ଥିଲେ । ଅନେକ ବିଦ୍ୟା ଜାଣିଥିଲେ । ଏଇ ବିଦ୍ୟାବଳରେ ସେ ଅସାଧ୍ୟ ସାଧନ କରୁଥିଲେ ।

ରାଜାଙ୍କ ଲାଖି ଥିଲେ ତାଙ୍କର ରାଣୀ । ସେ ବି ଭାରି ଦୟାବତୀ ଥିଲେ । ସବୁ କାମରେ ସ୍ୱାମୀଙ୍କୁ ସହଯୋଗ କରୁଥିଲେ । ତାଙ୍କ ନାଁ

Digitized by srujanika@gmail.com

ପଦ୍ମାବତୀ । ପଦ୍ମାବତୀ ମଧ୍ୟ ବହୁତ ପ୍ରକାରର ବିଦ୍ୟା ହାସଲ କରିଥିଲେ । ବିଦ୍ୟାବଳରେ ସେ ପୋଖରୀରେ ପଦ୍ମପତ୍ର ଉପରେ ପାଦ ରଖି ରଖି ଚାଲିଯାଇପାରୁଥିଲେ, ବୁଡ଼ିଯାଉ ନ ଥିଲେ । ଏଇଭଳି ଯାଇ ସରୋବର ମଝିରୁ ନିର୍ମଳ ପାଣି ଘରକୁ ଆଣନ୍ତି ।

ପ୍ରଜାମାନେ ରାଜା ଓ ରାଣୀ ଦୁହିଁଙ୍କୁ ଭାରି ଭଲପାଉଥିଲେ । ରାଜାଙ୍କର ଆଦୌ ସୈନ୍ୟସାମନ୍ତ ନ ଥିଲେ । ଅନ୍ୟ ରାଜାମାନେ ତା' ଜାଣିଲେ । ତେଣୁ ସେମାନେ କୋଶଳ ରାଇଜ ଦଖଲ କରିବାକୁ ବିଚାର କଲେ ।

ସତକୁ ସତ ଦିନେ ଦେଖାଗଲା ଯେ ଅନ୍ୟ ରାଜ୍ୟରୁ ଶହ ଶହ ସୈନ୍ୟ କୋଶଳଆଡ଼କୁ ମାଡ଼ିଆସୁଛନ୍ତି । ହାତରେ ଖଣ୍ଡା, ଢାଲ, ବର୍ଛା ଓ ଧନୁ-ଶର ଧରିଛନ୍ତି । ସେମାନଙ୍କୁ ଦେଖି ପ୍ରଜାମାନେ ଡରିଗଲେ । ରାଇଜରେ ତ ସୈନ୍ୟବାହିନୀ ନାହିଁ — ଶତ୍ରୁଙ୍କୁ ରୋକିବ କିଏ ?

Digitized by srujanika@gmail.com

ପ୍ରଜାମାନେ ରାଜାଙ୍କୁ ଏକଥା ଜଣାଇଲେ । ଖବର ଶୁଣି ରାଜା ଟିକିଏ ବି ବିଚଳିତ ହେଲେନାହିଁ । ଟିକିଏ ହସିଦେଲେ । ଲୋକେ ଭାବିଲେ ରାଜାଟା ପାଗଳ । ଆମେ ସବୁ ମରିବୁ ଅଥଚ୍ ତା'ର ଟିକିଏ ଚିନ୍ତାନାହିଁ କି ଦକନାହିଁ ? ଏଇଟା ପୁଣି କେମିତିକା ରଜା ?

ରଜା ଉଠି ଠିଆହେଲେ । ସେ କେତେଗୁଡ଼ିଏ କାଠି ସଂଗ୍ରହ କରି ଆଣିଲେ । କାଠିଗୁଡ଼ିକ ଆଙ୍ଗୁଳିଏ ଲମ୍ବର । ପ୍ରଜାମାନେ ଦେଖୁଥା'ନ୍ତି । ରାଜା କାଠିଗୁଡ଼ିକୁ ପ୍ରଥମେ ଗୋଛା କଲେ । ଗୁଣୁ ଗୁଣୁ କରି କଣ ମନ୍ତ୍ର ପଢ଼ିଲେ । ତା'ପରେ କଟାରୀରେ ସେସବୁକୁ କାଟି ଖଣ୍ଡ ଖଣ୍ଡ କରିଦେଲେ ।

ଏଣେ କାଠିଗୁଡ଼ାକ ଖଣ୍ଡ ଖଣ୍ଡ ହେବାମାତ୍ରେ ତେଣେ ଶତ୍ରୁଙ୍କ ପାଟିଗୋଳ ଆଉ ଶୁଣାଗଲା ନାହିଁ ।

ପ୍ରଜାମାନେ କ'ଣ ହେଲା ବୋଲି ଯାଇ ଦେଖନ୍ତି ତ ଶତ୍ରୁସୈନ୍ୟମାନେ ହଜାର ହଜାର ସଂଖ୍ୟାରେ ମରିଶୋଇଛନ୍ତି ।

ସୈନ୍ୟଙ୍କ ଅବସ୍ଥା ଦେଖି ଆକ୍ରମଣକାରୀ ରାଜା ନିଜ ରାଇଜକୁ ଜୀବନ ବିକଳରେ ଫେରିଗଲେ । କୋଶଳରେ ଶାନ୍ତି ଫେରିଆସିଲା । ସେଇଦିନରୁ ଅନ୍ୟ କୌଣସି ରାଜା କୋଶଳ ଆକ୍ରମଣ କଥା ଭାବିଲେନାହିଁ ।

କିନ୍ତୁ ଏଇ ଘଟଣା ପ୍ରଜାଙ୍କ ଆଖି ଖୋଲିଦେଲା । ସେମାନେ ଭାବିଲେ ସୈନ୍ୟ ନ ଥାଇ କି ରାଜ୍ୟ ! ସେମାନେ ମନ୍ତ୍ରୀମାନଙ୍କୁ କହିଲେ । ମନ୍ତ୍ରୀମାନେ ଯାଇ ରାଜାଙ୍କୁ ହାତ ଯୋଡ଼ି କହିଲେ – "ମହାରାଜ ! ବିପଦ ଆପଦ ପାଇଁ ସୈନ୍ୟସାମନ୍ତ ରଖନ୍ତୁ ।" '

ରାଜା କହିଲେ – "କିନ୍ତୁ ସେମାନଙ୍କୁ ମାସକୁ ମାସ ବେତନ କେମିତି ଦେବା ?"

ମନ୍ତ୍ରୀମାନେ କହିଲେ – "ପ୍ରଜାଙ୍କଠାରୁ ଏକ କଉଡ଼ି କରି କର ଆଦାୟ କରିବା ।"

ରାଜା କହିଲେ – "ପ୍ରଜାମାନେ ଖୁସିରେ ଦେବେ ତ ? ସେମାନଙ୍କୁ ପଚାର ।"

Digitized by srujanika@gmail.com

ପ୍ରଜାମାନେ ରାଜିହେଲେ । ତାଙ୍କ ଉପରେ ଏକ କଉଡ଼ି କରି କର ବସିଲା । ସାହସୀ ଓ ବଳୁଆ ଲୋକଙ୍କୁ ବାଛି ଏକ ସେନାବାହିନୀ ଗଢ଼ାଗଲା ।

ପ୍ରଜାମାନେ ରାଜାଙ୍କ ଉପରେ ବହୁତ ଖୁସି ଥିଲେ । ସେମାନେ ସାଧାରଣ କଉଡ଼ି ବଦଳରେ ରାଜାଙ୍କୁ ଗୋଟିଏଲେଖାଁ ସୁନା କଉଡ଼ି ଭେଟି ଦେଲେ । ରାଜଭଣ୍ଡାର ଟାହୁଁ ଟାହୁଁ ସୁନାରେ ଭରିଗଲା । କୋଶଳ ରାଜା କିନ୍ତୁ ଲୋକେ ସୁନା କଉଡ଼ି ଦେବାକଥା ଜାଣିପାରିନଥିଲେ ।

ରାଣୀ ପଦୁଆଁବତୀଙ୍କୁ ଏସବୁ ଭଲଲାଗୁନଥାଏ । ଦିନେ ସେ ପାଣି ଆଣିବାକୁ ସରୋବରକୁ ଗଲେ । ପଦ୍ମପତ୍ର ଉପରେ ପାଦ ଦେଉଁ ଦେଉଁ ଦେଖିଲେ ପଦ୍ମପତ୍ର ତାଙ୍କ ଓଜନ ସମ୍ଭାଳିନପାରି ଅଧା ବୁଡ଼ିଗଲା । ସେ ଚିନ୍ତାରେ ପଡ଼ିଲେ । ସେ ପାଣି ନଆଣି ଉଆସକୁ ଫେରିଆସି ମନ ମାରି ବସିଲେ ।

ରାଜକାର୍ଯ୍ୟ ସାରି ରାଜା ଯେତେବେଳେ ରାଣୀଙ୍କ ପାଖକୁ ଆସିଲେ ଦେଖିଲେ ପଦୁଆଁବତୀ ଅତି ଦୁଃଖରେ ବସିଛନ୍ତି । କଥା କଣ ?

ରାଣୀ ପଦୁଆଁବତୀ ସ୍ୱାମୀଙ୍କୁ ଦେଖି କାନ୍ଦି କାନ୍ଦି କହିଲେ – "ମହାରାଜ ! ଆପଣ ନିଶ୍ଚୟ କିଛି ଅନ୍ୟାୟ କରିଛନ୍ତି । ସେଇ କାରଣରୁ ଆଜି ପଦ୍ମପତ୍ର ଅଧା ବୁଡ଼ିଗଲା ।"

ରାଜା କହିଲେ – "ସେନାବାହିନୀ ପାଇଁ କଉଡ଼ିଟିଏ କରି ପ୍ରଜାଙ୍କଠାରୁ ଆଦାୟ କରିଛି ।"

ରାଣୀ କହିଲେ – "ସେନାବାହିନୀ ଆମର କଣ ଦରକାର ? ଶତ୍ରୁମାନଙ୍କୁ ଆପଣ ତ ଏକା ହରାଇ ଦେବେ । ମିଛରେ ଗୁଡ଼େ ଲୋକ ଅଳସୁଆ ହୋଇ ବସିବେ କାହିଁକି ? ଆପଣ ପ୍ରଜାଙ୍କ କଉଡ଼ି ଫେରାଇ ଦିଅନ୍ତୁ । ସୈନ୍ୟବାହିନୀ ଭାଙ୍ଗିଦିଅନ୍ତୁ ।"

ରାଜା ପଦୁଆଁବତୀଙ୍କ କଥା ମାନିଲେ । ସେଇଦିନ ପ୍ରଜାଙ୍କୁ ତାଙ୍କ କଉଡ଼ି ଫେରାଇଦେଲେ । ସେ ପ୍ରଜାଙ୍କୁ କହିଲେ – "ଭୟ ନାହିଁ । ମୁଁ ବଞ୍ଚିଥିବା ଯାଏଁ ଶତ୍ରୁ ଆମର କିଛି କ୍ଷତି କରିପାରିବ ନାହିଁ ।"

Digitized by srujanika@gmail.com

ରାଜା କଉଡ଼ି ଫେରାଇ ଦେବାରୁ ରାଣୀ ପଦୁଆଁବତୀ ଆଗଭଳି ପଦୁଅଁପତ୍ର ଉପରେ ପାଦ ଦେଇ ଦେଇ ସରୋବର ମଝିକୁ ଚାଲିଯାଇ ପାରିଲେ । ତାଙ୍କ ପାଦରେ ପାଣି ଲାଗିଲାନାହିଁ ।

ରାଣୀ ଓ ରାଜାଙ୍କ ଖ୍ୟାତି ବହୁତ ବଢ଼ିଗଲା । ସମସ୍ତେ ତାଙ୍କୁ ଆଗଠୁଁ ଅଧିକ ଭଲପାଇଲେ । ଲୋକେ କହିଲେ – ରାଣୀ ତ ରାଣୀ ପଦୁଆଁବତୀ ରାଣୀ !

ଆଜିଯାଏଁ ସାପୁଆକେଳାମାନେ ସାପ ଖେଳାଇବାବେଳେ ସେହି ରାଣୀଙ୍କ ନାଁ ନେଇ ଗୀତ ବୋଲନ୍ତି –

"ରାଣୀ ଯେ ରାଣୀ ପଦୁଆଁବତୀ ରାଣୀ
ଚାଲିଲେ ପାଦରେ ତା ନ ଲାଗଇ ପାଣି ।"

———

Digitized by srujanika@gmail.com